## ସଂକ୍ଷେପରେ

### କାର ଧକ୍କାରେ ବୃଦ୍ଧ ମୃତ

ରାଉରକେଲା ଅଫିସ,୧୭।୮: ପ୍ରାତଃ ଭ୍ରମଣ କରୁଥିବା ସମୟରେ ଜଣେ ବୃଦ୍ଧଙ୍କୁ ଏକ କାର ଧକ୍କା ଦେବାରୁ ତାଙ୍କର ମୃତ୍ୟୁ ହୋଇଯାଇଛି। ମୃତ ବୃଦ୍ଧ ଜଣଙ୍କ ହେଲେ ହରେକୃଷ୍ଣ ଦାସ(୮୦)। ସୂଚନାଯୋଗ୍ୟ, ପ୍ଲାଣ୍ଟସାଇଟ୍ ଥାନା ଅନ୍ତର୍ଗତ ମହତାବ ରୋଡ ଅଞ୍ଚଳରେ ହରେକୃଷ୍ଣ ପରିବାର ସହ ବାସ କରନ୍ତି। ବୁଧବାର ସକାଳ ସାଢ଼େ ୫ଟାରେ ହରେକୃଷ୍ଣ ରାଉରକେଲା ରିଙ୍ଗରୋଡରେ ପ୍ରାତଃ ଭ୍ରମଣ କରୁଥିବା ସମୟରେ ଉଦିତନଗର ସ୍ଥିତ ସାରଣାଛକ ପାଖରେ ଏକ କାର ନଂ. ଓଡି୧୪କେ-୮୪୨୮ ତାଙ୍କୁ ପଛପଟୁ ଧକ୍କା ଦେଇଥିଲା। ଫଳରେ ବୃଦ୍ଧ ଜଣଙ୍କ ରାସ୍ତା ଉପରେ ଛିଟିକି ପଡିଥିଲେ। ତାଙ୍କ ମୁଣ୍ଡ ରୋଡ ଡିଭାଇଡରରେ ଖୁବ୍ ଜୋରରେ ପିଟି ହୋଇଯାଇଥିଲା। ତାଙ୍କୁ ଏକ ଆମ୍ବୁଲାନ୍ସ ସାହାଯ୍ୟରେ ଚିକିତ୍ସାଲାଗି ଆର୍‌ଜିଏଚ୍‌ରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଅନ୍ୟପଟେ ଏହି ଦୁର୍ଘଟଣା ଘଟାଇଥିବା କାର ଚାଳକ ଘଟଣାସ୍ଥଳରୁ କାରକୁ ଛାଡି ଫେରାର ହୋଇଯାଇଥିଲା। ଏନେଇ ଉଦିତନଗର ପୋଲିସ ଏକ ମାମଲା (ନଂ.୨୦୯।୨୨)ରୁଜୁ କରି ଘଟଣାର ତଦନ୍ତ ଚଳାଇଥିବା ଜଣାପଡିଛି।

### ପୁଣି ୪ଘର ଭାଙ୍ଗିଲେ ହାତୀପଲ



ବଡ଼ଗାଁ, ୧୭।୮(ଡି.ଏନ.ଏ.): ସୁନ୍ଦରଗଡ ଜିଲା ବଡ଼ଗାଁ ବ୍ଲକ ଅଞ୍ଚଳରେ ସୀମାନ୍ତ ଝାଡ଼ଖଣ୍ଡ ରାଜ୍ୟରୁ ଆସିଥିବା ୧୭ଟିକିଆ ହାତୀପଲ ସପ୍ତାହେ ହେଲା ଉପଦ୍ରବ କରି ଆସୁଛନ୍ତି। କିଛିଦିନ ପୂର୍ବେ ବଡ଼ଗାଁ ନିକଟ ବିରଙ୍ଗାପଡା, ଫୁଲବାରୀ ପଞ୍ଚାୟତର ଗଲପଡା ଓ ତୁଡାଲଗା ପଞ୍ଚାୟତର ବାଇବାଇ ଗ୍ରାମରେ ହାତୀପଲ ଘର ଭାଙ୍ଗି ଧାନ, ଚାଉଳ ଖାଇବା ସହିତ ପରିବା ଚାଷ ନଷ୍ଟ କରିଥିଲେ। ଗତ ରାତିରେ ଏହି ହାତୀପଲ ଦାଣ୍ଡଜମରା ପଞ୍ଚାୟତ ଗରଗଡବାହାଲ ଗ୍ରାମର ନିତିଆ ବାଗ, ଯାଜପୁର ଗ୍ରାମର ବୃଷବ କିସାନ, ପବିତ୍ର ବନଛୁର, ଫୁଲବାରୀ ପଞ୍ଚାୟତ ମହପଡାର ମିଲକୁ କିସାନଙ୍କ ଘର ଭାଙ୍ଗିଦେଇଛି। ଯାଜପୁର ଗ୍ରାମର ପବିତ୍ର ବନଛୁରଙ୍କ ବିଲରେ ପଶି ଧାନ ତଳି ଖାଇ ଦେଇଛନ୍ତି ଏହି ହାତୀପଲ। ସୂଚନାପାଇ ଦାଣ୍ଡଜମରା ସରପଞ୍ଚ ଗୋବର୍ଦ୍ଧନ ହାହା ଫରେଷ୍ଟର ଓ ରାଜସ୍ୱ ନିରୀକ୍ଷକଙ୍କୁ ଡକାଇ ହାତୀ ଭାଙ୍ଗିଥିବା ଘର ଓ ବିଲକୁ ଦେଖିଛନ୍ତି। ୧୭ଟିକିଆ ହାତୀପଲର ଉପଦ୍ରବ ସାଙ୍ଗକୁ ଗୋଠରୁ ଅଲଗା ହୋଇ ଏକାକି ବୁଲୁଥିବା ଗୋଟିଏ ହାତୀର ଉପଦ୍ରବ ମଧ ଅଞ୍ଚଳବାସୀଙ୍କୁ ଅତିଷ୍ଠ କଲାଣି। ବର୍ତ୍ତମାନ ବର୍ଷାଋତୁ ହୋଇଥିବାରୁ ହାତୀ ଘର ଭାଙ୍ଗିଲେ ଲୋକେ ମରାମତି କରିବା ପାଇଁ ଆବଶ୍ୟକ ସାମଗ୍ରୀ ଯୋଗାଡ କରିପାରୁ ନାହାନ୍ତି। ପ୍ରଶାସନ କ୍ଷତିଗ୍ରସ୍ତଙ୍କୁ ତୁରନ୍ତ ସହଯୋଗର ହାତ ବଢ଼ାଇବାକୁ ସରପଞ୍ଚ ହାହା, ଯୋଗିନ୍ଦ୍ର କିସାନ ପ୍ରମୁଖ ଦାବି କରିଛନ୍ତି।

# ସାଇବର ଠକେଇ: ୫ ଗିରଫ

ରାଉରକେଲା ଅଫିସ, ୧୭।୮



ସାଇବର ଠକେଇ ଅଭିଯୋଗରେ ଗିରଫ ୫ ଅଭିଯୁକ୍ତ।

ସାଇବର ଠକେଇ ଅଭିଯୋଗରେ ରାଉରକେଲା ସାଇବର ପୋଲିସ ୫ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଜାମିଲ ଅନ୍‌ସାରୀ (୩୫), କମଲ୍‌ଉଦ୍ଦିନ ଅନ୍‌ସାରୀ (୩୨), କୁତବୁଲ୍ ଅନସାରୀ(୨୭), ଅସରଫୁଲ ଅନ୍‌ସାରୀ(୨୫) ଓ ଏମ୍‌ଡି ସମିମ୍ ଅନସାରୀ(୩୨) । ଏନେଇ ପୋଲିସ ଏକ ମାମଲା ରୁଜୁକରି ସମସ୍ତ ଅଭିଯୁକ୍ତଙ୍କୁ ବୁଧବାର କୋର୍ଟ ଚାଲାଣ କରିଛି। ସୂଚନାଯୋଗ୍ୟ, କୁତ୍ରାଥାନା ଅନ୍ତର୍ଗତ ଗଙ୍ଗାଜଳ ଗ୍ରାମରେ ନଳୀନ୍ଦ୍ର କୁମାର ଟପ୍ପୋ ପରିବାର ସହ ବାସ କରନ୍ତି। ନଳୀନ୍ଦ୍ର ରେଲୱେ କର୍ମଚାରୀ ଭାବେ କାମ କରୁଥିବାବେଳେ ଗତ ୨୦୨୧ ମସିହା ମେ' ମାସ ୧ ତାରିଖରେ ସ୍ୱେଚ୍ଛାକୃତ ଅବସର ନେଇଥିଲେ। ପରେ ତାଙ୍କ ଏସ୍‌ବିଆଇ ଆକାଉଣ୍ଟକୁ ନଭେମ୍ବର ୨୯ରେ ୩୪ଲକ୍ଷ ୯୯ ହଜାର ୯୦୮ ଟଙ୍କା ଅବସରକାଳୀନ ଭତ୍ତା ଆସିଥିଲା। ଏହି ଟଙ୍କା ଆସିବା କିଛି ଦିନ

**ଅବସରପ୍ରାପ୍ତ ରେଲୱେ କର୍ମଚାରୀଙ୍କ ଆକାଉଣ୍ଟରୁ ଟଙ୍କା ଗାଏବ ଘଟଣା**

ପରେ ଦିଲ୍ଲୀରୁ ମୋବାଇଲ ଯୋଗେ ନିଜ ବ୍ୟାଙ୍କ ଆକାଉଣ୍ଟରେ ଇଣ୍ଟନେଟ୍ ବ୍ୟାଙ୍କିଙ୍ଗ୍ ଅଛି କି ନାହିଁ ବୋଲି ଏକ କଲ ଆସିଥିଲା। ଏହାକୁ ନେଇ ଟପ୍ପୋ ମନା କରିଥିଲେ। ପରେ ଅଭିଯୁକ୍ତମାନେ ତାଙ୍କୁ ଏସ୍‌ବିଆଇ ସେଭିଙ୍ଗ୍ ଆକାଉଣ୍ଟରେ ଇଣ୍ଟନେଟ ବ୍ୟାଙ୍କି ସଂଯୋଗ କରିବା ପାଇଁ ଏକ ଓଟିପି ପଠାଇଥିଲେ। ଏହି ଓଟିପି ନମ୍ବର ଟପ୍ପୋଙ୍କୁ ମାଗି ଅଭିଯୁକ୍ତମାନେ ତାଙ୍କ ଏସ୍‌ବିଆଇ ଆକାଉଣ୍ଟରୁ ପ୍ରଥମେ ୨୦ହଜାର ପରେ ୨୦ ହଜାର କରି ପ୍ରାୟ ୩ଟି ଆକାଉଣ୍ଟରୁ ସମୁଦାୟ ୧୫ ଲକ୍ଷ ୫୬ ହଜାର ଟଙ୍କା ଠକି ନେଇଥିଲେ। ଏନେଇ ନଳୀନ୍ଦ୍ର ଗତ ବର୍ଷ ଡିସେମ୍ବର ୨ରେ ସାଇବର ଥାନା ଦ୍ୱାରସ୍ଥ ହୋଇ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ଉକ୍ତ ଘଟଣାର ତଦନ୍ତ କରି ଦୀର୍ଘ ୬ ମାସ ପରେ ୨୦୨୨ ଜୁଲାଇ ୧୩ ତାରିଖରେ ଉଦିତନଗର ସାଇବର ଥାନା ଅଧିକାରୀ ସେରିଫିନା ଖେସ୍‌ଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ ଝାଡ଼ଖଣ୍ଡ ଜାମତରା ଜିଲା ନାରାୟଣପୁରକୁ ଯାଇ ପ୍ରଥମେ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଉକ୍ତ ଘଟଣାର ସମ୍ପୃକ୍ତ ଥିବା ଅଭିଯୁକ୍ତମାନେ ଫେରାର ହୋଇଯାଇଥିବାବେଳେ ପୋଲିସ ବୁଧବାର ଅନ୍ୟ ୫ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ପୋଲିସ ସେମାନଙ୍କ ଠାରୁ ୪ଟି ଫୋନ ଓ ପରିଚୟପତ୍ର ସହ ବିଭିନ୍ନ ବ୍ୟାଙ୍କର ଏଟିଏମ୍ କାର୍ଡକୁ ଜବତ କରିଛି। ଏନେଇ ଉଦିତନଗର ସ୍ଥିତ ସାଇବର ଥାନାରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏହି ସମ୍ମିଳନୀରେ ରାଉରକେଲା ଡିଏସ୍‌ପି ଅନୀଲ କୁମାର ପ୍ରଧାନଙ୍କ ସହ ଥାନାର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ଗିରଫ ହୋଇଥିବା ଅଭିଯୁକ୍ତମାନେ ବିଭିନ୍ନ ସମୟରେ ଏଭଳି ବହୁ ଲୋକଙ୍କୁ ଫେକ୍ ଓଟିପି ପଠାଇ ବମ୍ପେ, ଝାଡ଼ଖଣ୍ଡ ଅଞ୍ଚଳରେ ବାସ କରୁଥିବା ନିରୀହ ଲୋକଙ୍କୁ ଠକିଥିବା ନେଇ ଅନ୍ୟ ଥାନାରେ ବହୁ ଅଭିଯୋଗ ରହିଥିବା ଡିଏସ୍‌ପି ପ୍ରଧାନ ସୂଚନା ଦେଇଛନ୍ତି।

## ଲଗାଣ ବର୍ଷାରେ ଘର ଭାଙ୍ଗିଲା



ବଡ଼ଗାଁ, ୧୭।୮(ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅଞ୍ଚଳରେ ଅଗଷ୍ଟ ୧୩ରୁ ୧୫ତାରିଖ ପର୍ଯ୍ୟନ୍ତ ଲଗାଣ ବର୍ଷାରେ ଅନେକଙ୍କ ମାଟି ଘର ଭାଙ୍ଗି ଯାଇଛି। ଦାଣ୍ଡଜମରା ପଞ୍ଚାୟତ ଜରକାପଡାର ଆଲବିନା ଡୁଙ୍ଗଡୁଙ୍ଗ, ମାରିଆନୁସ କେରକେଟା, ଯାଜପୁର ଗ୍ରାମର ଶାନ୍ତି ମାଝି, ସୁବାସିନୀ ଭିତ୍ରିଆ, ବାଲମତୀ ଡନସନା, ପବିତ୍ର ବନଛୁର, ଦାଣ୍ଡଜମରା ଗ୍ରାମର ଶାନ୍ତି ମାଝିଙ୍କ ଘର ଲଗାଣ ବର୍ଷାରେ ଭାଙ୍ଗି ଯିବା ପରେ ସେମାନେ ବାସହରା ହୋଇ ପଡିଛନ୍ତି। ସେହିପରି ଫୁଲବାରି ପଞ୍ଚାୟତ ମହପଡାର ବିଶ୍ୱନାଥ କିସାନ, ବୁଦୁନା ଗ୍ରାମର ଶଶିକାନ୍ତ ବାଗଙ୍କ ଘର ବର୍ଷାରେ ମାଟିରେ ଲୋଟିଛି। ପ୍ରଶାସନ କ୍ଷତିଗ୍ରସ୍ତ ପରିବାରକୁ ସହଯୋଗ ଯୋଗାଇ ଦେବାକୁ ଦାଣ୍ଡଜମରା ସରପଞ୍ଚ ଗୋବର୍ଦ୍ଧନ ହାହା ଓ ଫୁଲବାରୀ ସରପଞ୍ଚ ଯୋଗିନ୍ଦ୍ର କିସାନ ଦାବି କରିଛନ୍ତି।

## ବୋଲବମ୍ ସେବା ସଂଘ ପକ୍ଷରୁ ଟାଲେଣ୍ଟ ହଣ୍ଟ କାର୍ଯ୍ୟକ୍ରମ

ଲହୁଣୀପଡା, ୧୭।୮(ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା ଲହୁଣୀପଡା ବ୍ଲକ ଅନ୍ତର୍ଗତ ରାଜାମୁଣ୍ଡାସ୍ଥିତ ବୋଲବମ ସେବାସଂଘ ତରଫରୁ ୭୬ତମ ସ୍ୱାଧୀନତା ଦିବସ ଉପଲକ୍ଷେ ଯୋଗମାୟା ମହିଳା ମହାବିଦ୍ୟାଳୟଠାରେ ଟାଲେଣ୍ଟ ହଣ୍ଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ପ୍ରଜାପିତା ବ୍ରହ୍ମ କୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ବଣାଇ କେନ୍ଦ୍ରର ମୁଖ୍ୟ ସଞ୍ଚାଳିକା ପ୍ରଭାତୀ ଭଉଣୀ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବରେ ଗୁରୁଣ୍ଡିଆ ମହାବିଦ୍ୟାଳୟର ଅଧ୍ୟାପକ ତପନ କୁମାର ଦଣ୍ଡିଆ, ବଣାଇ ବ୍ଲକର ପୂର୍ବତନ ଉପାଧ୍ୟକ୍ଷ ତଥା ଯୁବ ଆଇନଜୀବୀ ସୁରେନ୍ଦ୍ର କିଷାନ, ସମାଜସେବୀ ସୁଦାମ ତ୍ରିପାଠୀ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ କୁମାର ଗୌତମ ବାରିକ ଯୋଗ ଦେଇଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷା ଝରଣା ପ୍ରଧାନଙ୍କ ଅଧ୍ୟକ୍ଷତାରେ ଏହା ଅନୁଷ୍ଠିତ ହୋଇଥିବା ବେଳେ ଅଜିତ କୁମାର ସ୍ୱାଇଁ ପରିଚୟ ଓ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ବୋଲବମ ସେବା ସଂଘ ସମ୍ପାଦକ ପ୍ରଦ୍ୟୁତ୍ କୁମାର ଜିତ ମଞ୍ଚ ପରିଚାଳନା କରିଥିଲେ। ଯୋଗମାୟା ମହିଳା ମହାବିଦ୍ୟାଳୟ ଓ ଲହୁଣୀପଡା ମହାବିଦ୍ୟାଳୟର ଛାତ୍ରୀମାନେ ଏହି ଟାଲେଣ୍ଟ ହଣ୍ଟ କାର୍ଯ୍ୟକ୍ରମରେ ଯୋଗଦେଇ ଇଂରାଜୀ, ଓଡ଼ିଆ ବକ୍ତୃତା, ଲିଖନ, ହସ୍ତାକ୍ଷର, ଚିତ୍ରାଙ୍କନ, ଝୋଟି, ନୃତ୍ୟ, ଗୀତ ଇତ୍ୟାଦି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ବିଚାରକ ଭାବେ ସ୍ନିଗ୍ଧା ଶ୍ରାବଣୀ ଜେନା ଓ ବାଣୀଶ୍ରୀ ବିଦ୍ୟାରୁପା ବାରିକ ଯୋଗଦେଇଥିଲେ। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଚଳିତବର୍ଷ ଲହୁଣୀପଡା ମହାବିଦ୍ୟାଳୟର ଯୁକ୍ତ ଦୁଇ ବିଜ୍ଞାନରେ ସର୍ବୋଚ୍ଚ ନମ୍ବର ରଖି ପାସ କରିଥିବା ଶିବସୁନ୍ଦର ମାହାନ୍ତଙ୍କୁ ସମ୍ମାନିତ କରାଯାଇଥିଲା। ଶେଷରେ ମହିଳା ମହାବିଦ୍ୟାଳୟର ଛାତ୍ରୀମାନେ ଦେଶାତ୍ମବୋଧ ଉପରେ ଆଧାରିତ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସଭା ଶେଷରେ ଅଜିତ କୁମାର ଦଳ ବେହେରା ଧନ୍ୟବାଦ ପ୍ରଦାନ କରିଥିଲେ। ମହାବିଦ୍ୟାଳୟର ଅଧ୍ୟାପକ ଅଧ୍ୟାପିକା କୁହୁଁରୁ ପାତ୍ର, ଇତିଶ୍ରୀ ପଟ୍ଟନାୟକ, କବିତା ମୁଖାର୍ଜୀ, ଅନିତା ପ୍ରଧାନ କର୍ମଚାରୀଙ୍କ ସମେତ ବୋଲବମ ସେବା ସଂଘର ମୁକେଶ ପାଲ, ଅଶୋକ ବେହେରା, ଦୀପକ ତ୍ରିପାଠୀ, ମିଥୁନ ପଣ୍ଡା, ଗୋବିନ୍ଦ ବାରିକ, ସଞ୍ଜୀବ ଜେନା, ଜିତେନ୍ଦ୍ର ରାୟ, ସତ୍ୟ ପ୍ରକାଶ ସିଂ, ଜନ୍ମେଞ୍ଜୟ ଦାସ, ଗୋଲେଖ ସାଇଁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଦେଶାତ୍ମବୋଧ ଉପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଛି।

## ବ୍ଲକସ୍ତରରେ ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମ



ବାରକୋଟ ବ୍ଲକରେ ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ଦେବଗଡ଼,୧୭।୮(ଡି.ଏନ.ଏ)

ଶିଶୁ ସୁରକ୍ଷା ସମ୍ପର୍କିତ ବିଭିନ୍ନ ଆଇନ ଓ ଯୋଜନାର ସୁପରିଚାଳନା ଓ ତଦାରଖ ପାଇଁ ବିଭିନ୍ନସ୍ତରରେ ଟାସ୍କ ଫୋର୍ସ ଓ ଶିଶୁ ସୁରକ୍ଷା କମିଟି ଗୁଡିକର ତ୍ରୟମାସିକ ସମୀକ୍ଷା ବୈଠକ ପାଇଁ ଜିଲା ପ୍ରଶାସନ ପକ୍ଷରୁ ଏକ ନିର୍ଦ୍ଦିଷ୍ଟ ଦିବସକୁ ଘୋଷଣା କରାଯାଇଛି। ବ୍ଲକ ସ୍ତରରେ ଟାସ୍କଫୋର୍ସର ସମୀକ୍ଷା ବୈଠକ ପ୍ରତ୍ୟେକ ତ୍ରୟମାସର ୧୭ତାରିଖ ଧାର୍ଯ୍ୟ କରାଯାଇଛି। ଏହି କ୍ରମରେ ଜିଲାପାଳ ସୌମେଷ ଉପାଧ୍ୟାୟଙ୍କ ନିର୍ଦ୍ଦେଶରେ ବୁଧବାର ବାରକୋଟ ଓ ତିଳେଇବଣୀ ବ୍ଲକରେ ଯଥାକ୍ରମେ ବିଡ଼ିଓ ଆକାଶ ରଞ୍ଜନ ସାହୁ ଓ ଅତିରିକ୍ତ ବିଡିଓ ସୁନୀଲ ଗୁରୁଙ୍କ ଅଧ୍ୟକ୍ଷତାରେ ବ୍ଲକ ଟାସ୍କ ଫୋର୍ସର ତ୍ରୟମାସିକ ବୈଠକ ଆୟୋଜିତ ହୋଇଯାଇଛି। ଏହି ଟାସ୍କଫୋର୍ସର ସଦସ୍ୟଭାବେ ବ୍ଲକର ସମସ୍ତ ସରପଞ୍ଚ, ଆଇସିଡିଏସ ସୁପରଭାଇଜର , ବ୍ଲକ ଶିକ୍ଷା ଅଧିକାରୀ ସିକନ୍ଦର ଛତ୍ରିଆ, ଶିଶୁ ପ୍ରତିନିଧି ପ୍ରିୟା ସାହୁ, ଶିକ୍ଷୟିତ୍ରୀ ମଞ୍ଜୁଲତା ନାଥ, ପଙ୍କଜିନୀ ବଣିଚୂଳ, ଏଣ୍ଡରମଣି ସାମଲ, ତହସିଲଦାର ରୁବି ବେହେରା, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସୁଜନ ସାହୁ, ଶିଶୁ ଗୃହ ପ୍ରତିନିଧି ଶ୍ରୀଦତ୍ତ ସାହୁ, ଚାଇଲ୍ଡଲାଇନ ପ୍ରତିନିଧି ଉପେନ୍ଦ୍ର ଭଞ୍ଜ, ସୁବିଲ ପ୍ରଧାନ ପ୍ରମୁଖ ବୈଠକରେ ଯୋଗ ଦେଇଥିଲେ। ଟାସ୍କଫୋର୍ସର ଆବାହିକା ଭାବେ ବାରକୋଟ ଓ ତିଳେଇବଣୀ ସିଡିପିଓ ପ୍ରବୀଣା ମିଶ୍ର ଓ ମାନବୀ ରାୟ ବୈଠକକୁ ପରିଚାଳନା କରିଥିଲେ। ବାରକୋଟ ବ୍ଲକ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ପାତ୍ର, ତିଳେଇବଣୀ ବ୍ଲକ ଅଧ୍ୟକ୍ଷା ବୃନ୍ଦାବତୀ ଭୋଇ ଓ ସୁରକ୍ଷା ଅଧିକାରୀ ଚିନ୍ମୟ ସ୍ୱାଇଁ ସ୍ୱତନ୍ତ୍ର ଅତିଥି ଭାବେ ଯୋଗ ଦେଇଥିଲେ। ଆଗାମୀ ଡିସେମ୍ବର ସୁଦ୍ଧା ଜିଲାକୁ ସମ୍ପୂର୍ଣ୍ଣ ବାଲ୍ୟବିବାହ ମୁକ୍ତ ତଥା ସରପଞ୍ଚମାନେ ଆଶୀର୍ବାଦ ଯୋଜନାର ୯୨୭ଜଣ ପିତୃମାତୃ ହୀନ ଶିଶୁମାନଙ୍କ ଅଭିଭାବକ ସାଜି ସେମାନଙ୍କ ସୁରକ୍ଷିତ ଶୈଶବ ପାଇଁ ଦାୟିତ୍ୱ ନିଅନ୍ତୁ ବୋଲି ନିଜ ବକ୍ତବ୍ୟରେ ପ୍ରସ୍ତାବ ଉପସ୍ଥାପନ କରିଥିଲେ।

## ଆଧାର ସହ ଭୋଟର କାର୍ଡ ସଂଯୋଗ କର୍ମଶାଳା

କୁଆଁରମୁଣ୍ଡା,୧୭।୮(ଡି.ଏନ.ଏ.): ୨୦୨୪ ସାଧାରଣ ନିର୍ବାଚନରେ ପ୍ରକୃତ ଭୋଟରଙ୍କୁ ଜାଣିବା ଉଦ୍ଦେଶ୍ୟରେ ନିର୍ବାଚନ ଆୟୋଗଙ୍କ ପକ୍ଷରୁ ଏବେ ଆଧାର ସହ ଭୋଟର କାର୍ଡ ସଂଯୋଗ କରିବା ପାଇଁ ନୂଆ ନିର୍ଦ୍ଦେଶନାମା ଜାରି ହୋଇଛି। ଏହି ପରିପ୍ରେକ୍ଷୀରେ ଉକ୍ତ କାର୍ଯ୍ୟ ପାଇଁ ବୁଥସ୍ତରୀୟ ଅଧିକାରୀ (ବିଏଲଓ)ଙ୍କୁ କିଭଳି ତାଲିମ ପ୍ରଦାନ କରାଯିବ ସେ ନେଇ ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ବ୍ଲକ ସମ୍ମିଳନୀ କକ୍ଷରେ ବୁଧବାର ଦିନିକିଆ କର୍ମଶାଳା ଅନୁଷ୍ଠିତ ହୋଇଅଛି। ଏଥିରେ ପାନପୋଷ ଉପଜିଲାପାଳ ଦୌଲତ୍ ଚନ୍ଦ୍ର ଚନ୍ଦ୍ରାକାର, ଡେପୁଟି କଲେକ୍ଟର ସୁଶାନ୍ତ ବେହେରା, କୁଆଁରମୁଣ୍ଡା ବିଡିଓ ତୃପ୍ତି ବରାଇ,ଏବିଡିଓ ପ୍ରଶାନ୍ତ କୁମାର ଜେନା ପ୍ରମୁଖଙ୍କ ସହ ୨ଜଣ ମାଷ୍ଟର ଟ୍ରେନର ଉପସ୍ଥିତ ରହିବିଏଲଓଭାବେ କାର୍ଯ୍ୟ କରୁଥିବା ଶିକ୍ଷୟିତ୍ରୀ/ଶିକ୍ଷକ ଓ ଅଙ୍ଗନୱାଡି କର୍ମୀଙ୍କୁ ତାଲିମ ଦେଉଛନ୍ତି। ଏଥିରେ ଶତାଧିକ ବିଏଲଓ ଉପସ୍ଥିତ ରହି ଆଧାର ସହ ଭୋଟରକାର୍ଡ ସଂଯୋଗର କୌଶଳ ବିଷୟରେ ତାଲିମ ନେଇଛନ୍ତି।

## ଆର୍‌ଏସ୍‌ପି ପକ୍ଷରୁ ସୃଜନୀ ପୁରସ୍କାର ପ୍ରଦାନ

ରାଉରକେଲା ଅଫିସ, ୧୭।୮

ଆର୍‌ଏସ୍‌ପି ପକ୍ଷରୁ କାରଖାନାର ବିଭିନ୍ନ ବିଭାଗର କର୍ମଚାରୀମାନଙ୍କୁ ୨୦୨୧-୨୨ଆର୍ଥିକ ବର୍ଷ ନିମନ୍ତେ ସୃଜନୀ ଯୋଜନା ଅଧୀନରେ ଉତ୍କର୍ଷତା ହାସଲ ନିମନ୍ତେ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ଅବସରରେ ଆର୍‌ଏସ୍‌ପି ଭାରପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୌମିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପାଇପ୍ ପ୍ଲାଣ୍ଟ ବିଭାଗକୁ ସୃଜନୀ ରୋଲିଙ୍ଗ ଟ୍ରଫି ପ୍ରଦାନ କରିଥିଲେ। ବିଭାଗ ପକ୍ଷରୁ ସିଆର୍‌ଏମ୍ ଏସ୍‌ଏସ୍‌ଏମ୍ ଆଣ୍ଡ ପିପି ବିଭାଗର ସିଜିଏମ କାର୍ତ୍ତିକେୟ ବେହେରା ଓ ପାଇପ ପ୍ଲାଣ୍ଟ ବିଭାଗର ଜିଏମ୍ ଇନ ଚାର୍ଜ ଗୁରମିନ୍ଦର ସିଂହଙ୍କ ନେତୃତ୍ୱରେ ବିଭାଗୀୟ କର୍ମଚାରୀ ଦଳ ପୁରସ୍କାର ଗ୍ରହଣ କରିଥିଲେ। ଦ୍ୱିତୀୟ ଶ୍ରେଷ୍ଠ ବିଭାଗ ରୂପେ ବିବେଚିତ ହଟସ୍ଟ୍ରିପ ମିଲ-୧ ପକ୍ଷରୁ ହଟସ୍ଟ୍ରିପମିଲ ବିଭାଗର ସିଜିଏମ୍ ଦେବବ୍ରତ ଦତ୍ତଙ୍କ ନେତୃତ୍ୱରେ ବିଭାଗୀୟ ଦଳ ଟ୍ରଫି ଗ୍ରହଣ କରିଥିଲେ। ଏହି ବର୍ଗରେ ତୃତୀୟ ଶ୍ରେଷ୍ଠ ବିଭାଗ ଭାବେ ବିବେଚିତ ସପ୍ସ ବିଭାଗ ପକ୍ଷରୁ ଡିଜାଇନ ସପ୍ସ ଓ ରୋଲ ସପ ବିଭାଗର ସିଜିଏମ ରବିରଞ୍ଜନ ନେତୃତ୍ୱରେ ବିଭାଗୀୟ ଦଳ ପୁରସ୍କାର ଗ୍ରହଣ କରିଥିଲେ। ସୃଜନୀ ପୁରସ୍କାର ଯୋଜନା ଅନ୍ତର୍ଗତ ପାଇପ୍ ପ୍ଲାଣ୍ଟ ବିଭାଗର ଏମ୍‌ଓଏମ୍‌ଟି ମନୋଜ କୁମାର ପ୍ରଧାନଙ୍କୁ ସର୍ବାଧିକ ସଂଖ୍ୟକ କାର୍ଯ୍ୟକାରୀ ପରାମର୍ଶ ପାଇଁ ଡକ୍ଟର ବି.ଆର ଆମ୍ବେଦକର ଶ୍ରେଷ୍ଠ ପରାମର୍ଶଦାତା ପୁରସ୍କାର ବିଜେତା ଭାବରେ ପୁରସ୍କୃତ ହୋଇଥିଲେ। ତାଙ୍କୁ ୧୦ ହଜାର ଟଙ୍କା ନଗଦ ପୁରସ୍କାର ଓ ଯୋଗ୍ୟତା ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଏହି ଯୋଜନାରେ ୫ ଜଣ କର୍ମଚାରୀଙ୍କୁ ଦ୍ୱିତୀୟ ପୁରସ୍କାର ପ୍ରଦାନ କରାଯାଇଥିଲା। ସେମାନଙ୍କୁ ୩ ହଜାର ଟଙ୍କା ପୁରସ୍କାର ରାଶି ସହ ମାନପତ୍ର ପ୍ରଦାନ କରାଯାଇଥିଲା।

## ଟ୍ରକ୍ ଡ୍ରାଇଭରଙ୍କଠାରୁ ଟଙ୍କା ଲୁଟ୍ ଘଟଣା: ୨ ଗିରଫ

ଦେବଗଡ଼,୧୭।୮(ଡି.ଏନ୍.ଏ.)

ଭୁଜାଲୀ ଦେଖାଇ ଜଣେ ଟ୍ରକ ଡ୍ରାଇଭରଙ୍କଠାରୁ ଟଙ୍କା ଲୁଟିନେଇଥିବା ୨ଜଣ ଅଭିଯୁକ୍ତଙ୍କୁ ବାରକୋଟ ଥାନା ପୋଲିସ ଗିରଫ କରିଛି। ଗତ ୫ ତାରିଖ ଢେଙ୍କାନାଳ ଜିଲା ବୁଢେଇ ଗ୍ରାମର କାଳନ୍ଦୀ ସାହୁ ନାମକ ଜଣେ ଟ୍ରକ ଡ୍ରାଇଭର ଚନ୍ଦନ ପାଣିଗ୍ରାହୀଙ୍କ ଟ୍ରକ ନମ୍ବର ଓଡି ୦୧-ଡବ୍ଲୁ-୧୧୧୫ରେ ଜିନ୍ଦଲ କାରଖାନାରୁ ଲୁହା ପଥର ବୋଝେଇ କରି ଯାଉଥିଲେ। ତେବେ ଅପରାହ୍ନରେ ଉକ୍ତ ଲୁହା ପଥର ବୋଝେଇ ଟ୍ରକଟି ଅଚଳ ହୋଇପଡିବାରୁ ସେ ବାରକୋଟ ଥାନା ଅନ୍ତର୍ଗତ ବଲଣ୍ଡା ଗ୍ରାମରେ ଥିବା ଓଭରହେଡ ପାଣି ଟାଙ୍କି ନିକଟରେ ଟ୍ରକକୁ ଅଟକାଇଥିଲେ। ସେ ରାତିରେ ଉକ୍ତ ଟ୍ରକ ମଧ୍ୟରେ ଶୋଇଥିବାବେଳେ ରାତି ପ୍ରାୟ ୨ଟାରେ ୨ ଜଣ ଦୁର୍ବୃତ୍ତ ଏକ କଳାରଙ୍ଗର ବାଇକ୍‌ରେ ସେଠାରେ ପହଞ୍ଚି ଟ୍ରକ ମଧ୍ୟରୁ କାଳନ୍ଦୀଙ୍କୁ ଉଠାଇବାସହ ତାଙ୍କ ଠାରୁ ଟଙ୍କା ମାଗିଥିଲେ। ମାତ୍ର କାଳନ୍ଦୀ ଏଥିରେ ରାଜି ନ ହେବାରୁ ଉକ୍ତ ଦୁର୍ବୃତ୍ତ ଦ୍ୱୟ ତାଙ୍କୁ ଭୁଜାଲୀ ଦେଖାଇ ଭୟଭୀତ କରିବା ସହ ନଗଦ ୫୦୦ ଟଙ୍କା ଓ କାଳନ୍ଦୀ ବ୍ୟବହାର କରୁଥିବା ମୋବାଇଲ ଫୋନକୁ ମଧ ଲୁଟି ନେଇ ଫେରାର୍ ହୋଇଯାଇଥିଲେ। ଏନେଇ କାଳନ୍ଦୀ ବାରକୋଟ ଥାନାରେ ଲିଖିତ ଅଭିଯୋଗ କରିବାରୁ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲା। ବୁଧବାର ଏହି ଘଟଣାରେ ପୋଲିସ ବମ୍ପରଡା ଗ୍ରାମର ସଦାଶିବ ସାହୁ ଓରଫ୍ ଶିବୁ (୨୩)ଓ ସୁନ୍ଦରଗଡ଼ ଜିଲା ମହୁଲପଦା ଥାନା ଅନ୍ତର୍ଗତ ରେଙ୍ଗାଳି ଗ୍ରାମର କୁନା ଓରଫ ବଳରାମ ବାରିକ(୨୨)ଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ବ୍ୟବହୃତ ବାଇକ ଓ ୩ଟି ମୋବାଇଲ ଫୋନ ଜବତ କରିଛି। ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବେଳେ ଅଦାଲତରେ ଜାମିନ ଆବେଦନ ଖାରଜ ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି ।





ଡ୍ରାଇଭରଙ୍କଠାରୁ ଟଙ୍କା ଲୁଟ୍ ଘଟଣାରେ ଗିରଫ ୨ ଅଭିଯୁକ୍ତ।

## ମ୍ୟୁଜିକା ସଙ୍ଗମ୍ ଆଣ୍ଡ ସଙ୍ଗମ୍‌ର ରୌପ୍ୟ ଜୟନ୍ତୀ ଉଦ୍‌ଯାପିତ

ଦେବଗଡ଼,୧୭।୮(ଡି.ଏନ.ଏ)

ପବିତ୍ର ସ୍ୱାଧୀନତା ଦିବସ ପାଳନ ଅବସରରେ ଦେବଗଡ଼ ଟାଉନ ହଲଠାରେ ସାଂସ୍କୃତିକ ଅନୁଷ୍ଠାନ 'ମ୍ୟୁଜିକା ସଙ୍ଗମ୍ ଏଣ୍ଡ ସଙ୍ଗମ୍'ର ରୌପ୍ୟ ଜୟନ୍ତୀ ପାଳନ ସମାରୋହ ଉଦ୍‌ଯାପିତ ହୋଇଛି। ଏହି ଅବସରରେ 'ଭଏସ୍ ଜିନିୟସ ସିଜନ୍-୯' ଏବଂ 'ଅନ୍ତାକ୍ଷରୀ ରିଟର୍ନ୍ସ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ୧୧ ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରେ ଦେବଗଡ଼ ଚିନ୍ମୟ ବିଦ୍ୟାଳୟର ଛାତ୍ର ସାଇକ୍ରିଷ୍ଣା ମହାନ୍ତି ଚାମ୍ପିୟନ ହୋଇଥିବାବେଳେ କେନ୍ଦ୍ରୀୟ ବିଦ୍ୟାଳୟର ଛାତ୍ରୀ ଅରୁନ୍ଧତୀ ଦାଶ ରନର୍ସ ଅପ୍ ଏବଂ ଚିନ୍ମୟ ବିଦ୍ୟାଳୟର ଛାତ୍ରୀ ସ୍ମୃତିରେଖା ମେହେର ତୃତୀୟ ସ୍ଥାନ ହାସଲ କରିଥିଲେ। ଅନ୍ୟ ୮ଜଣ ପ୍ରତିଯୋଗୀଙ୍କୁ ଟ୍ରଫି ସହ ମାନପତ୍ର ପ୍ରଦାନ କରାଯାଇଥିଲା। ସେହିପରି 'ଅନ୍ତାକ୍ଷରୀ ରିଟର୍ନ୍ସ' କାର୍ଯ୍ୟକ୍ରମରେ ଚନ୍ଦନ କୁମାର ନାୟକ ଓ ଟିକେଶ୍ୱର ଘଡେଇ ଚାମ୍ପିୟନ ଏବଂ ଅଙ୍କିତାରାଣୀ କର ଓ ଅଙ୍କୁର ରଞ୍ଜନ ସ୍ୱାଇଁ ରନର୍ସ ଅପ୍ ଟ୍ରଫି ସହ ମାନପତ୍ର ଗ୍ରହଣ କରିଥିଲେ। ଅପରାହ୍ନରେ କ୍ଲବର ସଭାପତି ଉମାଶଙ୍କର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବକୁ ଜିଲା କୃଷକ ସଂଘର୍ଷ ସଂଘ ସଭାପତି ସେମ୍ ହେମ୍ବ୍ରମ୍, ଡ. ଉଇଲିୟମ ହେଣେଜ, ଭାଜପା ଯୁବ ମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟ ସୁଧୀର କୁମାର ବ୍ରହ୍ମା, ବିଜେଡି ନଗର ସଭାପତି ଶୁକଦେବ ଭଞ୍ଜ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପନୀ ସନ୍ଧ୍ୟାରେ ଦେବଗଡ ଏସ୍‌ପି ପ୍ରମୋଦ କୁମାର ରଥ ମୁଖ୍ୟଅତିଥି, ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସ୍ମରଣିକା ଉନ୍ମୋଚନ ସହ ବିଭିନ୍ନ କ୍ଷେତ୍ରରେ ପ୍ରତିଭାଧାରୀମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। କ୍ଲବର କାର୍ଯ୍ୟକାରୀ ସଭାପତି ବିକାଶ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ସମ୍ପାଦକ ଶଶାଙ୍କ ଶେଖର ଝାଙ୍କରଙ୍କ ତତ୍ତ୍ୱାବଧାନରେ ସହ ସମ୍ପାଦକ ପ୍ରତାପ କୁମାର ପାତ୍ର, ଉପସଭାପତି ଉମେଶ ନାୟକ, କୋଷାଧ୍ୟକ୍ଷ ବିକାଶ ରଞ୍ଜନ ଖଡିରତ୍ନ, ଆଲୁମନି ଉପସଭାପତି ଅନୁଜ କୁମାର ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।





ଉତ୍ସବରେ ଅତିଥିମାନେ ସ୍ମରଣିକା ଉନ୍ମୋଚନ କରୁଛନ୍ତି।

# ସେପ୍ଟେମ୍ବର ୨୦୨୩ ସୁଦ୍ଧା ପାଇପ୍ ଯୋଗେ ଜଳଯୋଗାଣ

## ଜିଲାରେ ପାନୀୟଜଳ ଯୋଗାଣ ନେଇ ସମୀକ୍ଷା

ଝାରସୁଗୁଡ଼ା ଅଫିସ,୧୭।୮

ଝାରସୁଗୁଡ଼ା ଜିଲାରେ ପାନୀୟଜଳ ଯୋଗାଣକୁ ନେଇ ଡିଏମ୍ଏଫ୍ ସମ୍ମିଳନୀ କକ୍ଷରେ ଜିଲାପାଳ ସରୋଜ ସାମଲଙ୍କ ଅଧ୍ୟକ୍ଷତାରେ ଜନପ୍ରତିନିଧି ଓ ପ୍ରଶାସନିକ ଅଧିକାରୀଙ୍କୁ ନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ, ଏମ୍ପି ସୁରେଶ ପୂଜାରୀ, ବିଧାୟିକା ଅଳକା ମହାନ୍ତି, ଜିଲା ପରିଷଦ ନିର୍ବାହୀ ଅଧିକାରୀ ତପିରାମ ମାଝି, ଜିଲା ପରିଷଦ ଅଧ୍ୟକ୍ଷା ତୁଳାବତୀ ମିଞ୍ଜ, ଉପଧ୍ୟକ୍ଷ ଅକ୍ଷୟ ସାହୁ, ଝାରସୁଗୁଡା ପୌରାଧ୍ୟକ୍ଷା ରାନୀ ହାତୀ, ବ୍ରଜରାଜନଗର ପୌରାଧ୍ୟକ୍ଷା ଯାଜ୍ଞସେନୀ ଓରାମ, ବେଲପାହାଡ ପୌରାଧ୍ୟକ୍ଷ ନିମାଇଁ ଚରଣ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ।

ସ୍ୱାସ୍ଥ୍ୟମନ୍ତ୍ରୀ ଦାସ କହିଥିଲେ ଜିଲାବାସୀଙ୍କୁ ଶୁଦ୍ଧ ପାନୀୟଜଳ ଯୋଗାଣ ପାଇଁ ପ୍ରତିଶ୍ରୁତି ଦିଆଯାଇଥିବାବେଳେ ବହୁଶୀଘ୍ର ଏହା କାର୍ଯ୍ୟକାରୀ ହେବାକୁ ଯାଉଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କରକମଳରେ ଜିଲାରେ ମେଗା ପାନୀୟଜଳ ପ୍ରକଳ୍ପର ଶିଳାନ୍ୟାସ ହୋଇଥିଲା। ହେଲେ କୋଭିଡ୍ ପାଇଁ ବିଳମ୍ବ ହୋଇଥିବାବେଳେ ଏହାକୁ ତ୍ୱରାନ୍ୱିତ କରାଯାଇ ପ୍ରକଳ୍ପ ନିର୍ମାଣ କାମ ଏବେ ସମ୍ପୂର୍ଣ୍ଣ ହେବାକୁ ଯାଉଛି। ଲଖନପୁର ବ୍ଲକ୍ର ସମସ୍ତ ଘରକୁ ଆସନ୍ତା ଅକ୍ଟୋବର ସୁଦ୍ଧା ପାଇପ୍ ଯୋଗେ ପାନୀୟଜଳ ଯୋଗାଣ ଆରମ୍ଭ କରାଯିବ। ସେହିପରି ସେପ୍ଟେମ୍ବର ୨୦୨୩ ସୁଦ୍ଧା ସମଗ୍ର ଜିଲାର ୫୧,୫୩୬ ଘରକୁ ପାଇପ୍ ଯୋଗେ ଶୁଦ୍ଧ ପାନୀୟଜଳ ଯୋଗାଣ କାର୍ଯ୍ୟକାରୀ ହେବ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ଦାସ ପ୍ରକାଶ କରିଛନ୍ତି। ଏଚ୍ କଣ୍ଟାପାଲିସ୍ଥିତ ପାନୀୟଜଳ ବିଶୋଧନ ପ୍ରକଳ୍ପ ପାଇଁ ଜମିକୁ ନେଇ ଦେଖାଦେଇଥିବା ସମସ୍ୟା ଇତି ମଧ୍ୟରେ ଦୂର ହୋଇସାରିଛି ବୋଲି ଜିଲାପାଳ ସାମଲ କହିଛନ୍ତି। ଜିଲାର ୩ ପୌରାଞ୍ଚଳକୁ ପାନୀୟଜଳ ଯୋଗାଣପାଇଁ ଚାଲିଥିବା ପାଇପ୍ ବିଛକାମ ସମ୍ପନ୍ନ ହୋଇଯାଇଛି। ହେଲେ ଇନ୍ଟେକ୍ ୱେଲ୍ର ନିର୍ମାଣ କାର୍ଯ୍ୟ ଜାରିରହିଛି । ଏହା ସରିବା ପରେ ଜଳ ଯୋଗାଣ ହୋଇପାରିବ ବୋଲି ଜିଲାପାଳ ସାମଲ କହିଛନ୍ତି।


ବୈଠକରେ ଉପସ୍ଥିତ ଜନପ୍ରତିନିଧି ଓ ପ୍ରଶାସନିକ ଅଧିକାରୀ।

## ସଂକ୍ଷେପରେ

### ଗଙ୍ଗାଧର ସାହିତ୍ୟକୃତି ଶୀର୍ଷକ ପ୍ରତିଯୋଗିତା

**ସମ୍ବଲପୁର,୧୭।୮(ବ୍ୟୁରୋ):** ଲେଡିଲୁଇସ ବାଳିକା ଉଚ୍ଚ ବିଦ୍ୟାଳୟରେ ସ୍ୱଭାବ କବି ଗଙ୍ଗାଧର ମେହେର ସାହିତ୍ୟ କୃତୀ ଶୀର୍ଷକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଉଜାଗର ପ୍ରଧାନଙ୍କ ପରିଚାଳନା ଓ ଶାନ୍ତି ଲତା ଦାଶଙ୍କ ସଂଯୋଜନାରେ ପ୍ରତିଯୋଗିତା ହୋଇଥିଲା। ସମ୍ବଲପୁର ସରକାରୀ ମହିଳା କଲେଜର ପ୍ରାକ୍ତନ ଅଧକ୍ଷ ଡ. ସନ୍ତୋଷ କୁମାର ଦାଶ ମୁଖ୍ୟଅତିଥି ଭାବେ ଯୋଗଦେଇ ଗଙ୍ଗାଧର ସାହିତ୍ୟ ଉପରେ ଆଲୋଚନା କରିଥିଲେ। ଏଥିସହ ଗଙ୍ଗାଧର ସଙ୍ଗୀତ ଆବୃତ୍ତି, ସାହିତ୍ୟ ଆବୃତ୍ତି, ସାଧାରଣ ଜ୍ଞାନ, ଚିତ୍ରାଙ୍କନ ପ୍ରତିଯୋଗିତାରେ କୃତୀ ଛାତ୍ରୀମାନଙ୍କୁ ପୁରସ୍କୃତ କରିଥିଲେ। ଶୈଳବାଳା ନାଏକ, ତାରାବତୀ ବେହେରା ଗଙ୍ଗାଧର ସାହିତ୍ୟରେ ପ୍ରକୃତି ଚିତ୍ରଣ ଉପରେ ଆଲୋଚନା କରିଥିଲେ। ଶିକ୍ଷୟିତ୍ରୀ ସ୍ୱାଗତିକା ପଣ୍ଡା ଧନ୍ୟବାଦ ଦେଇଥିଲେ।

### ପ୍ରଥମ କଲେଜ ଅଧକ୍ଷଙ୍କ ଦେହାନ୍ତ

**ଜମନକିରା,୧୭।୮(ଡି.ଏନ.ଏ.):** ଜମନକିରା ବ୍ଲକ ସଦର ମହକୁମା ସ୍ଥିତ ମହାବିଦ୍ୟାଳୟର ପ୍ରଥମ ଅଧକ୍ଷ ପ୍ରଶାନ୍ତ କୁମାର ପଟେଲଙ୍କ (୬୪) ବୁଧବାର ପରଲୋକ ଘଟିଛି। ତାଙ୍କ ମୃତ୍ୟୁରେ ଜମନକିରା ଓ ଦେବଗଡ଼ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସୂଚନାକ୍ରମେ ପଟେଲ ଜମନକିରା ମହାବିଦ୍ୟାଳୟ ପ୍ରାରମ୍ଭରୁ ଅଧକ୍ଷ ପଦରେ ଅବସ୍ଥାପିତ ୪ ବର୍ଷ ତଳେ ଅବସର ଗ୍ରହଣ କରିଥିଲେ। ସେ ଦେବଗଡ଼ ଜିଲାର ମୂଳବାସିନ୍ଦା ହୋଇଥିଲେ ମଧ ଜମନକିରା ବ୍ଲକ ଅଞ୍ଚଳରେ ଜଣାଶୁଣା ଥିଲେ। ୪ଦିନ ପୂର୍ବରୁ ସେ ଅସୁସ୍ଥ ଅନୁଭବ କରିବାରୁ ପରିବାର ଲୋକେ ତାଙ୍କୁ ସମ୍ବଲପୁରର ଏକ ଘରୋଇ ଡାକ୍ତରଖାନାକୁ ନେଇଥିଲେ। ସେଠାରୁ ଅନ୍ୟ ଏକ ଡାକ୍ତରଖାନାକୁ ନିଆଯାଇଥିବାବେଳେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। କଲେଜ ପରିସରକୁ ମର ଶରୀର ଅଣାଯିବା ପରେ ଅଧକ୍ଷ, ଅଧାପକ, ଅଧାପିକା, କର୍ମଚାରୀ, ଅଞ୍ଚଳର ମାନ୍ୟଗଣ୍ୟ ବ୍ୟକ୍ତି ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ପରେ ମୃତଦେହ ଗ୍ରାମକୁ ନିଆଯାଇ ଅନ୍ତେଷ୍ଟିକ୍ରିୟା କରାଯାଇଥିଲା। ତାଙ୍କର ସ୍ତ୍ରୀ ପ୍ରଧାନ ଶିକ୍ଷୟିତ୍ରୀ ରୂପେ କାର୍ଯ୍ୟ କରୁଥିବା ବେଳେ ଏକମାତ୍ର ଝିଅ ବିବାହିତା।

### ଗାୟତ୍ରୀ ଶକ୍ତିପୀଠରେ ନାରୀ ଜାଗରଣ ସତ୍ର

**ସମ୍ବଲପୁର,୧୭।୮(ବ୍ୟୁରୋ):** ମହିଳା ସଶକ୍ତିକରଣକୁ ଦୃଷ୍ଟିରେ ରଖି ନାରୀ ଜାଗରଣ ପ୍ରଶିକ୍ଷଣ ସତ୍ର (ଶିବିର) ସମ୍ବଲପୁର କମଳିବଜାର ଗାୟତ୍ରୀ ଶକ୍ତିପୀଠରେ ଆରମ୍ଭ ହୋଇଛି। ଆସନ୍ତା ୧୯ ତାରିଖରେ ଏହା ଉଦ୍ଯାପିତ ହେବ। ଶାନ୍ତିକୁଞ୍ଜର ସୁଧା ମହାଜନ, ଚନ୍ଦ୍ରିକା ସାହୁ, ଆରତୀ ଯାଦବ, ବିଘ୍ନେଶ୍ୱର ମହାପାତ୍ର, ବିନୋଦ ମରକାସ ଯୋଗଦେଇ ପ୍ରଶିକ୍ଷଣ ପ୍ରଦାନ କରିଛନ୍ତି। ଜିଲାର ୯ ବ୍ଲକରୁ ପ୍ରତିନିଧିମାନେ ସାମିଲ ହୋଇଛନ୍ତି। ଯଜ୍ଞ ସଞ୍ଚାଳନ, କର୍ମକାଣ୍ଡ, ଢ଼ପଲି ଶିକ୍ଷା, ସଂଗୀତ ଗାନ, ଭାଷଣ ସମ୍ଭାଷଣ ଅଭ୍ୟାସ କରାଯାଉଛି। ଏଥିସହ ଆଧାତ୍ମିକ ଚିନ୍ତା, ଯଜ୍ଞଭାବନା ପ୍ରଭୃତି ଜନମାନସରେ କିଭଳି ଜାଗ୍ରତ ହେବ ସେ ନେଇ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି। ସମ୍ବଲପୁର ଗାୟତ୍ରୀ ପୀଠ ଟ୍ରଷ୍ଟି ଉପେନ୍ଦ୍ର କୁମାର ପାଢ଼ୀ, ଦୀନଦୟାଲ ଅଗ୍ରୱାଲ, ଶିବନାରାୟଣ ଶତପଥୀ, ସତ୍ୟନାରାୟଣ ପଟେଲ, ରାଜେନ ପଟେଲ ପ୍ରମୁଖ ସତ୍ର ପରିଚାଳନା କରୁଛନ୍ତି।

# ରାଜ୍ୟସ୍ତରୀୟ କିଷାନ କ୍ଲବ ଫୁଟ୍‌ବଲ: ଝାରସୁଗୁଡ଼ା ବିଜୟୀ

ସମ୍ବଲପୁର,୧୭।୮(ବ୍ୟୁରୋ)

ସମ୍ବଲପୁର ମହାନଗର ନିଗମ ସିଂହପାଲି କିଷାନ କ୍ଲବ ତରଫରୁ ୩ ଦିନିଆ ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମ୍ବଲପୁର, ସୁନ୍ଦରଗଡ଼, ଝାରସୁଗୁଡ଼ା, ସୋନପୁର, ବଲାଙ୍ଗୀର, ଅନୁଗୋଳ, କୁଚିଣ୍ଡା ଓ ବରଗଡ଼ ଦଳ ଭାଗ ନେଇଥିଲେ। ଫାଇନାଲ ମ୍ୟାଚ ଝାରସୁଗୁଡ଼ା ଓ କୁଚିଣ୍ଡା ମଧରେ ହୋଇଥିଲା। ଝାରସୁଗୁଡ଼ା ଦଳ ୧-୦ ଗୋଲରେ ବିଜୟୀ ହୋଇଥିଲା। ଓଡ଼ିଶା ଫୁଟବଲ ଆସୋସିଏଶନ ତରଫରୁ ଆସିଥିବା ମ୍ୟାଚ କମିଶନର ଦୁର୍ଗାମାଧବ ନାୟକଙ୍କ ତତ୍ତ୍ୱବଧାନରେ ଲିଙ୍ଗରାଜ ପ୍ରଧାନ, ଅରୁଣ ଭୋଇ, ଜ୍ୟୋତି ରଞ୍ଜନ ସ୍ୱାଇଁ, ଶିବଶଙ୍କର ପଣ୍ଡା, ଦିଲୀପ କୁମାର ରାଉତ, ଶଶିକାନ୍ତ ଦାସିଆ ଖେଳ ପରିଚାଳନା କରିଥିଲେ। ବିଜେଡି ନେତା ଦେବେନ କିଶୋର ପତି ମୁଖ୍ୟଅତିଥି ଓ ମହେନ୍ଦ୍ର ଓରାମ, ନାରାୟଣ ଶର୍ମା, ବିଜେଡି ଜିଲା ସଭାପତି ସିଦ୍ଧାର୍ଥ ଦାସ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। କ୍ଲବର ସତ୍ୟନାରାୟଣ ଓରାମ, ବିଦ୍ୟାଧର ଓରାମ, ଶ୍ରୀକାନ୍ତ ଓରାମ, ଭୀଷ୍ମ ଓରାମ, ଗୁନା ଓରାମ ପ୍ରମୁଖ ସହଯୋଗ କରିଥିଲେ।


ଖେଳାଳିଙ୍କ ସହ ଅତିଥିମାନେ ।

# ଶ୍ରୀଅରବିନ୍ଦଙ୍କ ୧୫୦ତମ ଜୟନ୍ତୀ ଉଦ୍‌ଯାପିତ


ଉତ୍ସବରେ ମଞ୍ଚାସୀନ ଅତିଥିମାନେ।

ସମ୍ବଲପୁର,୧୭।୮(ବ୍ୟୁରୋ)

ବର୍ଷ ବ୍ୟାପୀ ଚାଲିଥିବା ଶ୍ରୀଅରବିନ୍ଦଙ୍କ ୧୫୦ତମ ଜୟନ୍ତୀ ଉଦ୍‌ଯାପିତ ହୋଇଯାଇଛି। ସମ୍ବଲପୁର ଶ୍ରୀଅରବିନ୍ଦଙ୍କ କର୍ମମନ୍ଦିର ମାତୃ ନିବାସରେ ମାତୃ ପତାକା ଉତ୍ତୋଳନ ପରେ ଉତ୍ସବ ହୋଇଥିଲା। ଡ. ନନ୍ଦ କିଶୋର ମିଶ୍ର, ସମ୍ବଲପୁର ବିଶ୍ୱବିଦ୍ୟାଳୟ ପ୍ରଫେସର ସବିତା ତ୍ରିପାଠୀ ବକ୍ତା ଭାବେ ଯୋଗଦେଇ ଦେଶ ତଥା ମାନବ ଜାତି ପାଇଁ ଶ୍ରୀଅରବିନ୍ଦଙ୍କ ଅବଦାନ ଅତୁଳନୀୟ ବୋଲି କହିଥିଲେ। ସ୍କୁଲ ପରିଚାଳନା କମିଟି ସମ୍ପାଦକ ମନୋରଞ୍ଜନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଉତ୍ସବ ହୋଇଥିଲା। ଅନୁଷ୍ଠାନର ମ୍ୟାନେଜିଂ ଟ୍ରଷ୍ଟି କୃଷ୍ଣଚନ୍ଦ୍ର ବାବୁ ସ୍ୱାଗତ ଭାଷଣ ଦେଇଥିଲେ। ସୁନୀତା ମିଶ୍ରଙ୍କ ପରିଚାଳନାରେ ସ୍କୁଲ ଛାତ୍ରୀଛାତ୍ର ମାତୃ ବନ୍ଦନା ଗାନ କରିଥିଲେ। ପୂର୍ବାହ୍ନ ୧୦ଟାରେ ଶ୍ରୀଅରବିନ୍ଦଙ୍କ ପବିତ୍ର ସମାଧିଠାରେ ସମବେତ ଧ୍ୟାନ ଅନୁଷ୍ଠିତ ହୋଇଥିଲା।

### ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ କବିତା ପାଠୋତ୍ସବ

ଝାରସୁଗୁଡ଼ା ଅଫିସ,୧୭।୮

ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଜିଲା ପ୍ରଶାସନର ମିଳିତ ସହଯୋଗରେ ଝାରସୁଗୁଡ଼ା ଯାନ୍ତ୍ରିକ ବିଦ୍ୟାଳୟ ସଭାକକ୍ଷରେ ଦେଶାତ୍ମବୋଧକ କବିତା ପାଠୋତ୍ସବ ଆୟୋଜିତ ହୋଇଯାଇଛି। ଏକାଡେମୀ ଝାରସୁଗୁଡ଼ାର ସଦସ୍ୟା ଶିବପ୍ରିୟା ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାକୁ ମୁଖ୍ୟଅତିଥି ଜିଲାପାଳ ସରୋଜ କୁମାର ସାମଲ ଉଦ୍‌ଘାଟନ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଯାନ୍ତ୍ରିକ ବିଦ୍ୟାଳୟ ଅଧକ୍ଷ ଇଂ ଧନଞ୍ଜୟ ଖୁରା ମୁଖ୍ୟଅତିଥି ଓ ଜିଲା ସଂସ୍କୃତି ଅଧିକାରୀ ଅନୀଲ କୁମାର କେରକେଟା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କବି ଅନ୍ତର୍ଯାମୀ ପାଣିଗ୍ରାହୀଙ୍କ ସଂଯୋଜନାରେ ସୀତାରାମ ବର୍ଡିଆ, ଗୌନ୍ତିଆ ଜମିଉଲ୍ଲା, ଲଳିତ ମୋହନ ଦାଶ, ଅଧାପିକା ମନ୍ଦାକିନୀ ଶତପଥି, ସ୍ୱର୍ଣ୍ଣମୟୀ ପୁରୋହିତ, ପ୍ରଣତି ପଟ୍ଟନାୟକ, ଅଞ୍ଜଳି ପ୍ରଭା ପଟ୍ଟନାୟକ, ଅନନ୍ତରାମ ସାହୁ, ରାଜଶ୍ରୀ ମେହେର, ନିବେଦିତା ମିଶ୍ର ପ୍ରମୁଖ କବିମାନେ ସ୍ୱରଚିତ ଦେଶାତ୍ମବୋଧକ କବିତା ପାଠ କରିଥିଲେ।

### ମା' ଦୁର୍ଗାଙ୍କ ନୂତନ ମନ୍ଦିର ନେଇ ବୈଠକ

ଜମନକିରା,୧୭।୮(ଡି.ଏନ.ଏ.)

ଜମନକିରା ସଦର ମହକୁମା ମୁଖ୍ୟ ଛକରେ ମା' ଦୁର୍ଗାଙ୍କ ନୂତନ ମନ୍ଦିର ନିର୍ମାଣ ନେଇ ଏକ ପ୍ରସ୍ତୁତି ବୈଠକ ଅସ୍ଥାୟୀ ସଭାପତି ନବୀନ କୁମାର ପଟେଲଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଗ୍ରାମ ଉନ୍ନୟନ କମିଟି ସାଧାରଣ ସଭାର ନିଷ୍ପତ୍ତି କ୍ରମେ ଏକ କମିଟି ଗଠନ କରାଯାଇଛି। ଏହି କମିଟି ନେତୃତ୍ୱରେ ମନ୍ଦିର ଯୋଜନା ପ୍ରସ୍ତୁତ କରି ନିର୍ମାଣ କାମ ହେବ ବୋଲି ସର୍ବସମ୍ମତି କ୍ରମେ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ଏଥିପାଇଁ ଗ୍ରାମ୍ୟ ଉନ୍ନୟନ କମିଟି ପକ୍ଷରୁ ୧୫ ଲକ୍ଷ ଟଙ୍କା ପ୍ରଦାନ ପାଇଁ ଅନୁମୋଦନ ଲାଭ କରିଥିବା ବେଳେ ସମ୍ପୂର୍ଣ୍ଣ ହେବା ପାଇଁ ଜନସାଧାରଣଙ୍କଠାରୁ ଦାନ ଗ୍ରହଣ କରାଯିବ ବୋଲି ଆଲୋଚନା ହୋଇଥିଲା। କମିଟି ଆବାହକ ଭାବେ ପିଛାଲୁ ଭୋଇ, ହେମନ୍ତ ମହକୁଳ, ରବୀନ୍ଦ୍ର ଦାନି, ସରୋଜ ପଟ୍ଟନାୟକ, ଅରୁଣ ପଟ୍ଟନାୟକ, ଶିଶିର ପଟ୍ଟନାୟକ, ଦିଲୀପ ବହିଦାର, ମନୋଜ ରାୟ, ସନ୍ତୋଷ ସାହୁ, ରବୀନ୍ଦ୍ର ମଲ୍ଲିକ ପ୍ରମୁଖ ରହିଛନ୍ତି। ବୈଠକରେ ଗ୍ରାମ ଉନ୍ନୟନ କମିଟି ସଭାପତି ସୁବାସ ସାହୁ, ସମ୍ପାଦକ ସୁବ୍ରତ ବଡେଇ, କୋଷାଧକ୍ଷ ଅମ୍ରି ଅଗ୍ରୱାଲ ପ୍ରମୁଖ ଯୋଗଦେଇଥିଲେ।

# ଆଦର୍ଶ ସେବାର ବୁଦ୍ଧିମନ୍ତ ମହିଳା ପାର୍ବତୀ ଗିରି

## ଶ୍ରାଦ୍ଧ ଦିବସରେ ସ୍ମୃତିଚାରଣ


ପାର୍ବତୀ ଗିରିଙ୍କ ଶ୍ରାଦ୍ଧ ଦିବସରେ ଅତିଥିମାନେ ।

ସମ୍ବଲପୁର,୧୭।୮(ବ୍ୟୁରୋ)

ସମ୍ବଲପୁର ଜିଲା ଝୁଝୁମୁରା ବ୍ଲକ ଫୁଲଝରଣ ମହୁଲପାଲିରେ ବୁଧବାର ପାର୍ବତୀ ଗିରୀଙ୍କ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି। ପାର୍ବତୀ ଗିରି ସ୍ମୃତି କମିଟି ପକ୍ଷରୁ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ସକାଳ ୬ଟାରେ ପ୍ରଭାତଫେରୀ ପରେ ଆଶ୍ରମ ପରିସରରେ ସର୍ବଧର୍ମ ପ୍ରାର୍ଥନା ସଭା ଓ ଜଳତର୍ପଣ କରାଯାଇଥିଲା। ପାର୍ବତୀ ଗିରୀ ମହାବିଦ୍ୟାଳୟ ପରିସରରେ ଥିବା ପ୍ରତିମୂର୍ତ୍ତି ଓ ଆଶ୍ରମ ପରିସରରେ ଥିବା ସ୍ୱାଧୀନତା ସଂଗ୍ରାମୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ହୋଇଥିଲା। ଡା. ସାନ୍ତ୍ରା ବାଳନିକେତନ ପରିସରରେ ଜଗନ୍ନାଥ ଦୀକ୍ଷିତଙ୍କ ସଭାପତିତ୍ୱରେ ପାର୍ବତୀ ଗିରିଙ୍କ ୨୭ତମ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ଅଧାପକ ତୁଷାର ରଞ୍ଜନ ବାରିକ ସ୍ୱାଗତ ଭାଷଣ, ଅଧାପକ ଗୋବିନ୍ଦ ମହାରଣା ଅତିଥି ପରିଚୟ ଓ କୁଳଧର ପ୍ରଧାନ ସମ୍ପାଦକୀୟ ବିବରଣୀ ପ୍ରଦାନ କରିଥିଲେ। ବନମାଳୀ ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ ପାର୍ବତୀ ଗିରିଙ୍କ ଜୀବନୀ ଆଲୋଚନା କରିଥିଲେ। ସେ ଜଣେ ମହିୟସୀ ମହିଳା, ଆଦର୍ଶ ସେବାର ବୁଦ୍ଧିମନ୍ତ ପ୍ରତୀକ ଥିଲେ ବୋଲି କହିଥିଲେ। ଝୁଝୁମୁରା ବ୍ଲକ ଅଧକ୍ଷା ମମତା ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପାର୍ବତୀ ଗିରି ଜଣେ ଅନନ୍ୟ ମହିଳା, ତାଙ୍କ ଜୀବନ ଆମ ପାଇଁ ପାଥେୟ ହୋଇ ରହିବ ବୋଲି କହିଥିଲେ। ସମ୍ବଲପୁର ଜିଲା ପରିଷଦ ଉପାଧକ୍ଷ ମାଧବ ମିର୍ଦ୍ଧା, ବୀରସିଂଗଡ଼ ସରପଞ୍ଚ ରିଙ୍କି ଭଏଁସାଲ ଓ ସମିତି ସଭ୍ୟ ରଘୁବୀର ଭୋଇ ଅତିଥି ଭାବେ ଯୋଗଦେଇ ପାର୍ବତୀ ଗିରିଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ବିଭିନ୍ନ ଶିକ୍ଷାନୁଷ୍ଠାନର କୃତୀ ଛାତ୍ରୀଛାତ୍ରଙ୍କୁ ଲୋକନାଥ ସମ୍ମାନ ପ୍ରଦାନ କରାଯାଇଥିଲା। ଶିକ୍ଷକ ଚିନ୍ତାମଣି ଭୋଇ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଅଧାପିକା ପ୍ରଭାତୀ ବାରିକ ଧନ୍ୟବାଦ ଦେଇଥିଲେ।

# ହାଇସ୍କୁଲରେ କୃତୀ ଛାତ୍ରୀଙ୍କୁ ପ୍ରତିଭା ସମ୍ମାନ



ଉତ୍ସବରେ ମଞ୍ଚାସୀନ ଅତିଥି।

କୁଚିଣ୍ଡା,୧୭।୮(ଡି.ଏନ.ଏ.)

କୁଚିଣ୍ଡା ବ୍ଲକ ଟାଇଁସର ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ଗତ ମାଟ୍ରିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବାରୁ ମଙ୍ଗଳବାର ତିନିଜଣ କୃତୀ ଛାତ୍ରୀ ଓ ତାଙ୍କ ମାତାପିତାଙ୍କୁ ପ୍ରତିଭା ସମ୍ମାନ ସହ ସମ୍ବର୍ଦ୍ଧିତ କରାଯାଇଛି। କୁଚିଣ୍ଡା ବ୍ଲକ ପ୍ରତିଭା ବିକାଶ ଅଭିଯାନ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ ସଭାପତି ସୁବାସ ଚନ୍ଦ୍ର ନାୟକ ସଭାପତିତ୍ୱ କରିଥିଲେ। ଏଥିରେ ଟାଇଁସର ସରପଞ୍ଚ ରାଜେନ୍ଦ୍ର କିଷାନ ମୁଖ୍ୟଅତିଥି, ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ସୌଦାମିନି ପଟେଲ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ପ୍ରତିଭାର ବିକାଶ ପାଇଁ ନିଆଯାଉଥିବା ପଦକ୍ଷେପର ପ୍ରଶଂସା କରିଥିଲେ। ପ୍ରଧାନ ଶିକ୍ଷକ ପଞ୍ଚାନନ ନାୟକ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ଦେଇଥିଲେ। ହିମାଞ୍ଚଳ ଡଗରା ଧନ୍ୟବାଦ ଦେଇଥିଲେ।

### ସ୍ୱାଧୀନତା ଦିବସରେ କୃତୀ ଛାତ୍ରୀଙ୍କୁ ସମ୍ବର୍ଦ୍ଧନା

କୁଚିଣ୍ଡା,୧୭।୮(ଡି.ଏନ.ଏ.)

କୁଚିଣ୍ଡା ବ୍ଲକ ଅର୍ଡାବାହାଲ ସରକାରୀ ବାଳିକା ହାଇସ୍କୁଲରେ ୭୬ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ନମିତାରାଣୀ ଦାସ ଜାତୀୟ ପତାକା ଉତ୍ତୋଳନ କରି ଛାତ୍ରୀଙ୍କ ଦ୍ୱାରା ଆୟୋଜିତ ପରେଡର ଅଭିବାଦନ ଗ୍ରହଣ କରିଥିଲେ। ପରେ ଜିଲାସ୍ତରୀୟ କ୍ରୀଡା ପ୍ରତିଯୋଗିତାରେ କୃତୀ ୪ ଛାତ୍ରୀଙ୍କୁ ପ୍ରଧାନ ଶିକ୍ଷୟିତ୍ରୀ ଦାସ ମାନପତ୍ର ସହ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ସହକାରୀ ଶିକ୍ଷକ ହରିହର ନାଏକ, ରାଜେନ୍ଦ୍ର ସାହୁ, ବୀରେନ୍ଦ୍ର ନାଏକ, ଶିକ୍ଷୟିତ୍ରୀ ତରୁଲତା ସୁନାନୀ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

# ଭିଏସ୍ଏସ୍ କଲେଜର ପ୍ରତିଷ୍ଠା ଦିବସ



କଲେଜ ପ୍ରତିଷ୍ଠା ଦିବସରେ ଅତିଥିମାନେ ।

ସମ୍ବଲପୁର, ୧୭।୮(ବ୍ୟୁରୋ)

ଝୁଝୁମୁରା ବୀର ସୁରେନ୍ଦ୍ର ସାଏ (ଭିଏସ୍ଏସ୍) କଲେଜର ୨୭ତମ ପ୍ରତିଷ୍ଠା ଦିବସ ବୁଧବାର ପାଳିତ ହୋଇଯାଇଛି। କଲେଜ ଅଧକ୍ଷ ମନୋଜ କୁମାର ହୋତା ସଭାପତିତ୍ୱ କରିଥିଲେ। ଖେଳଶିକ୍ଷକ ଗୁରୁଚରଣ ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅର୍ଥନୀତି ବିଭାଗ ଅଧାପକ ହେମାଞ୍ଚଳ ମହାପାତ୍ର, ଇତିହାସ ବିଭାଗ ଅଧାପକ ବିଜୟାନନ୍ଦ ପ୍ରଧାନ, ଶିକ୍ଷା ବିଭାଗ ଶିକ୍ଷୟିତ୍ରୀ ଡ. ପ୍ରିତିଧାରା ପରିଜା, ଓଡ଼ିଆ ବିଭାଗ ଅଧାପକ ପଦ୍ମନାଭ ସାମଲ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧରେ ଗୀତ, ନୃତ୍ୟ, ରଚନା, ତର୍କ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଆରମ୍ଭରେ କଲେଜ ଅଧକ୍ଷ ହୋତା ବିବରଣୀ ପାଠ କରିଥିଲେ। ଶେଷରେ ଇଂରାଜୀ ଅଧାପକ ଶୁଶିଲ କୁମାର ଶତପଥି ଧନ୍ୟବାଦ ଦେଇଥିଲେ।

# ଝୁଝୁମୁରା ବ୍ଲକ: ଚର୍ଚ୍ଚାରେ ଚର୍ଚ୍ଚ, ପାଚେରି କାମ

## ଭିତ୍ତିହୀନ ଅଭିଯୋଗ: ବ୍ଲକ ସଭାପତି

ସମ୍ବଲପୁର,୧୭।୮(ବ୍ୟୁରୋ)

ସମ୍ବଲପୁର ଜିଲା ଝୁଝୁମୁରା ବ୍ଲକ କୟାକୁଦ ପଞ୍ଚାୟତରେ ବିଧାୟକ ପାଣ୍ଠି ଆତ୍ମସାତ୍ ଅଭିଯୋଗ ପରେ ଏଥିରେ ଆଉ ଏକ ଅଭିଯୋଗ ଯୋଡି ହୋଇଛି। କସଂର ପଞ୍ଚାୟତ ବୁଡିଆକଟା ଗ୍ରାମରେ ଚର୍ଚ୍ଚ କାମ ପାଇଁ ବିଧାୟକ ପାଣ୍ଠି ୧୦ ଲକ୍ଷ ଟଙ୍କା ଓ ବୁର୍ଦ୍ଧାକଟାରେ ପାଚେରି ନିର୍ମାଣ ପାଇଁ ୩ ଲକ୍ଷ ଟଙ୍କା ଉଠାଯାଇଥିବା ଅଭିଯୋଗ ହୋଇଛି। ଏହାର ତଦନ୍ତ ପାଇଁ ବୁଡିଆକଟା ଗ୍ରାମବାସୀ ଜିଲା ପ୍ରଶାସନକୁ ଲିଖିତ ଅବଗତ କରିଛନ୍ତି। ପୂର୍ବରୁ ବିଧାୟକ ପାଣ୍ଠି ଆତ୍ମସାତ୍ ଘଟଣାର ୧୫ଦିନ ଭିତରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ କଂଗ୍ରେସ ନେତା ଆସଫ ଅଲ୍ଲି ଖାନଙ୍କ ନେତୃତ୍ୱରେ କର୍ମକର୍ତ୍ତା ବ୍ଲକ ଅଫିସ ଗେଟ୍‌ରେ ତାଲା ପକାଇ ବିକ୍ଷୋଭ କରିଥିଲେ। ଦିନକ ପରେ ଏହି ଘଟଣାରେ ବିଜେଡି ପ୍ରତିକ୍ରିୟା ରଖିଛି। ଝୁଝୁମୁରା ବ୍ଲକ ବିଜେଡି ସଭାପତି ବିନୋଦ ବଡପଣ୍ଡା କହିଛନ୍ତି, ଏହା ରାଜନୀତି ଉଦ୍ଦେଶ୍ୟ ପ୍ରଣୋଦିତ ଓ ସମ୍ପୂର୍ଣ୍ଣ ଭିତ୍ତିହୀନ ଅଭିଯୋଗ। କସଂର ଓ ଛାମୁଣ୍ଡା ପଞ୍ଚାୟତରେ ବିଧାୟକ ପାଣ୍ଠିରେ କୌଣସି ଦୁର୍ନୀତି ହୋଇ ନାହିଁ। ବିଧାୟକ ରୋହିତ ପୂଜାରୀ ମନ୍ତ୍ରୀ ହେବା ପରେ ବଦନାମ କରିବାକୁ ବିରୋଧୀ ଚକ୍ରାନ୍ତ କରୁଛନ୍ତି। କସଂର ଚର୍ଚ୍ଚ ପାଇଁ ୨୦୧୬-୧୭ରେ ବିଧାୟକ ପାଣ୍ଠିରୁ ୧ ଲକ୍ଷ ଟଙ୍କା ଅନୁଦାନ ଦିଆଯାଇଥିଲା। କାମ ହେବା ପରେ ୧ ଲକ୍ଷ ଟଙ୍କାର ବିଲ୍ କରାଯାଇଛି। ହେଲେ ଅଯଥାରେ ୧୦ ଲକ୍ଷ ଟଙ୍କା ଆତ୍ମସାତ୍ ହୋଇଥିବା ନେଇ ଅଭିଯୋଗ କରୁଛନ୍ତି। ଅନ୍ୟପଟେ ବୁର୍ଦ୍ଧା ଗ୍ରାମ କଟା ଲାଗି ପଶ୍ଚିମ ଓଡିଶା ବିକାଶ ପରିଷଦ ଅନୁଦାନରୁ ୩ ଲକ୍ଷ ଟଙ୍କା ଅନୁଦାନ ଆସିଥିଲା। ୨୦୧୮ରେ ଉକ୍ତ ଟଙ୍କା ଆସିଥିଲେ ମଧ ବିବାଦ ଉପୁଜିବାରୁ କାମ ହୋଇ ପାରିଲା ନାହିଁ। ତେଣୁ ଅନୁଦାନକୁ ଫେରାଇ ଦିଆଯାଇଛି। ଏହାର ସମସ୍ତ ପ୍ରମାଣ ମଧ ରହିଛି। ହେଲେ ଉକ୍ତ ଟଙ୍କାକୁ ବିଜେଡି କର୍ମୀ ଓ ବ୍ଲକ ଅଧିକାରୀ ମିଥ୍ୟା ବିଲ କରି ଉଠାଇ ନେଇଥିବା ଅଭିଯୋଗ ହେଉଛି। ଏହି ଅଭିଯୋଗ ଭିତ୍ତିହୀନ। ଜାଣିଶୁଣି ପ୍ରଶାସନ ଓ ଆମ ଦଳକୁ ବଦନାମ କରିବାକୁ ଯୋଜନା କରାଯାଉଛି। ଦୁର୍ନୀତିକୁ ଦଳ ପ୍ରଶ୍ରୟ ଦିଏନାହିଁ ବୋଲି ବୋଲି ବଡପଣ୍ଡା କହିଛନ୍ତି। ଅନ୍ୟପଟେ ବିଡିଓ ସୁରଜ ବିଶ୍ୱାଳ କହିଛନ୍ତି, ଅନେକ ଅନୁଦାନ ଆସିଥାଏ, ହେଲେ କାମ ନ ହେବାରୁ ଫେରାଇ ଦିଆଯାଇଥାଏ। ଫେରିଯିବା ବିଷୟରେ ସାଧାରଣ ଲୋକ ଜାଣିପାରନ୍ତି ନାହିଁ। ତେଣୁ ଅଭିଯୋଗ କରନ୍ତି। ଚର୍ଚ୍ଚ କାମର ୧ ଲକ୍ଷ ଟଙ୍କା ଅନୁଦାନ ଆସିଥିଲା ଓ ମୋର ଯୋଗଦାନ ପୂର୍ବରୁ କାମ ହୋଇ ବିଲ୍ ହୋଇଯାଇଛି। କୟାକୁଦ ରାସ୍ତା ବିଲ୍ ଉଠାଇବା ଘଟଣାରେ ମଧ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇ ଅଗଷ୍ଟ ୯ରେ ଘଟଣାସ୍ଥଳ ପରିଦର୍ଶନ କରି ୧୦ ତାରିଖରେ ଟଙ୍କା ଭରଣା କରିବାକୁ ଜେଇ ଓ ଏଇଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ସେମାନେ ମଧ ଟଙ୍କା ଭରଣା କରିଛନ୍ତି। ଏହାକୁ ନେଇ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ରିପୋର୍ଟ ଦିଆଯାଇଛି ବୋଲି କହିଥିଲେ।

## ସଂକ୍ଷେପରେ

### ଆଦର୍ଶ ବିଦ୍ୟାଳୟ ପାଇଁ ୪ ବସ୍ ଲୋକାର୍ପିତ

ଝାରସୁଗୁଡ଼ା ଅଫିସ,୧୭।୮: ଝାରସୁଗୁଡ଼ା ଓ ଲଖନପୁର ବ୍ଲକର ଆଦର୍ଶ ବିଦ୍ୟାଳୟ ସକାଶେ ଜିଲା ଖଣିଜ ପାଣ୍ଠି ପ୍ରତିଷ୍ଠାନ ପକ୍ଷରୁ ୮ ମାଗଣା ସ୍କୁଲ ବସ୍ ଯୋଗାଇଦେବାକୁ ଲକ୍ଷ୍ୟ ରଖାଯାଇଛି। ଏଥିମଧ୍ୟରେ ୪ଟି ବସ୍ ମଙ୍ଗଳବାର ଲୋକାର୍ପଣ କରାଯାଇଛି। ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସ ବସ୍‌ଗୁଡ଼ିକର ଲୋକାର୍ପଣ କରିଛନ୍ତି। ମନ୍ତ୍ରୀ ଦାସଙ୍କ ସମେତ ବରଗଡ଼ ଏମ୍‌ପି ସୁରେଶ ପୂଜାରୀ ଓ ବ୍ରଜରାଜନଗର ବିଧାୟିକା ଅଲକା ମହାନ୍ତି ପ୍ରମୁଖ ବସ୍‌ଗୁଡିକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଜିଲା ପରିଷଦ ସଭାପତି ତୁଳାବତୀ ମିଞ୍ଜ, ଜିଲାପାଳ ସରୋଜ କୁମାର ସାମଲ,ଏସ୍‌ପି ରାହୁଲ ଜୈନ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଓ ମୁଖ୍ୟ ନିର୍ବାହୀ ଅଧିକାରୀ ତପିରାମ ମାଝି, ଝାରସୁଗୁଡ଼ା ପୌରପରିଷଦ ଅଧକ୍ଷା ରାନୀ ହାତୀ, ଜିଲା ଶିକ୍ଷା ଅଧିକାରୀ ପୁଷ୍ପା ମିଞ୍ଜ ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ପ୍ରଶାସନର ଏଭଳି ପଦକ୍ଷେପକୁ ଅଭିଭାବକ, ଶିକ୍ଷାବିତ୍, ସାମାଜିକ କର୍ମୀମାନେ ପ୍ରଶଂସା କରିଥିଲେ।

### ରାଉରକେଲାରେ ପୂର୍ଣ୍ଣକ୍ଷମ ବିମାନ ବନ୍ଦର କରାଯାଉ: ଭାଜପା

ରାଉରକେଲା ଅଫିସ, ୧୭।୮: ରାଉରକେଲା ବିମାନ ବନ୍ଦର ସମ୍ପ୍ରସାରଣ ନେଇ ଜିଲା ଭାଜପା ପକ୍ଷରୁ ସଭାନେତ୍ରୀ ଲତିକା ପଟ୍ଟନାୟକଙ୍କ ସ୍ୱାକ୍ଷରରେ ଏମ୍‌ପି ଜୁଏଲ ଓରାମଙ୍କ ମାଧ୍ୟମରେ କେନ୍ଦ୍ରଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଏକ ସ୍ମାରକପତ୍ର ପଠାଯାଇଛି। ରାଉରକେଲାରେ ସାମ୍ପ୍ରତିକ ଓ ଭବିଷ୍ୟତ ବିକାଶକୁ ଆଖି ଆଗରେ ରଖି ବିମାନବନ୍ଦର ମାଲିକାନାତ୍ୱକୁ ସେଲ୍ ପରିବର୍ତ୍ତେ ଭାରତୀୟ ବେସାମରିକ ବିମାନସେବା ବିଭାଗକୁ ତୁରନ୍ତ ହସ୍ତାନ୍ତର କରିବା ସହ ବିମାନବନ୍ଦର ଲାଇସେନ୍ସକୁ ୪ସି ଶ୍ରେଣୀର ଉନ୍ନତି କରିବାକୁ ଦାବି କରାଯାଇଛି। ରାଉରକେଲା ସହର ସ୍ମାର୍ଟସିଟିର ମାନ୍ୟତା ପାଇବା ପରେ ଏଠାରେ ବିମାନଚଳାଚଳର ଆବଶ୍ୟକତା ରହିଛି। ଏଥିସହ ୮ ହଜାର ବିଶିଷ୍ଟ ବିଦ୍ୟାର୍ଥୀ ଆନ୍ତର୍ଜାତୀୟ ଯାନ୍ତ୍ରିକ ଶିକ୍ଷା ପ୍ରତିଷ୍ଠାନ ଏନ୍‌ଆଇଟିରେ କେବେଳ ବିଦେଶୀ ବିଦ୍ୟାର୍ଥୀଙ୍କ ପାଇଁ ୨୩ଶହ ସିଟ୍ ଥିବାବେଳେ ବିମାନସୁବିଧା ନ ଥିବାରୁ ପ୍ରାୟ ୨ଶହ ସିଟ୍ ଖାଲି ପଡୁଛି। ଏଥିସହ ୨୦୨୩ ମସିହାରେ ବିଶ୍ୱକପ ହକି ମ୍ୟାଚ ହେବାକୁ ଥିବାବେଳେ ସହରରେ ଏକ ଉତ୍କର୍ଷବିମାନ ସେବା ଆବଶ୍ୟକ ରହିଛି ବୋଲି ଭାଜପା ମୁଖପାତ୍ର ଭଗବାନ ରାଉତ ଏକ ପ୍ରେସବିବୃତ୍ତିରେ ଜଣାଇଛନ୍ତି।

### ଇଭିଏମ୍ ହଟାଇବା, ଆରକ୍ଷଣ ଲାଗୁ ଦାବି

ସମ୍ବଲପୁର,୧୭।୮ (ବ୍ୟୁରୋ): ଓବିସି ମୋର୍ଚ୍ଚା ପକ୍ଷରୁ ବୁଧବାର ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଜିଲା ପ୍ରଶାସନକୁ ୧୦ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି। ପ୍ରମୁଖ ଦାବି ମଧ୍ୟରେ କେନ୍ଦ୍ର ସରକାର ଓବିସି ପାଇଁ ଜାତିଗତ ଜନଗଣନା ନ କରିବାକୁ ବିରୋଧ, ଇଭିଏମ୍ ହଟାଇ ଗଣତନ୍ତ୍ରକୁ ବଞ୍ଚାଇବା, ଘରୋଇ କମ୍ପାନୀରେ ଓବିସି, ଏସ୍‌ଟିଏସ୍‌ସି ସଂରକ୍ଷଣ ଲାଗୁ କରିବା, କୃଷକମାନଙ୍କ ପାଇଁ ଗ୍ୟାରେଣ୍ଟି କୃଷି ଆଇନ ଲାଗୁ ସହ ଏମ୍‌ଏସ୍‌ପି ବୃଦ୍ଧି କରିବା, ପୁରୁଣା ପେନ୍‌ସନ୍ ଯୋଜନା ଲାଗୁ,ଏସ୍‌ଟିଏସ୍‌ସି ଓ ଓବିସି ଛାତ୍ରୀଛାତ୍ରଙ୍କ ପାଠ ପଢାରେ ଫି ହ୍ରାସ ଆଦି ଅନ୍ୟତମ। ହେମନ୍ତ ଗର୍ଡିଆ, ପୁଷ୍ପାଞ୍ଜଳି ନାଏକ, ଠାକୁର ମଙ୍ଗାରୀ, ଜଗଦିଶ ଯାଦବ, ଜାମୁରା ପ୍ରଧାନ, ରାଜକୁମାରୀ, ସୂର୍ଯ୍ୟକାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ଏସ୍‌ଏମ୍‌ସି ଅଞ୍ଚଳରେ ୧୩ ଶହ ବନ୍ୟାବିପନ୍ନ

ସମ୍ବଲପୁର,୧୭।୮ (ବ୍ୟୁରୋ)

ହୀରାକୁଦ ଜଳଭଣ୍ଡାରରୁ ୪୦ ଗେଟ୍ ଦେଇ ବନ୍ୟାଜଳ ନିଷ୍କାସିତ ହେଉଥିବା ବେଳେ ସମ୍ବଲପୁର ମହାନଗର ନିଗମ ତଳି ଅଞ୍ଚଳରେ ପାଣି ଜମି ରହିଛି। ବିଭିନ୍ନ ପଡ଼ାରେ ପ୍ରାୟ ୧୩ଶହ ବନ୍ୟା ବିପନ୍ନଙ୍କୁ ଉଦ୍ଧାର କରାଯାଇଛି। ୮ଟି ଆଶ୍ରୟସ୍ଥଳ ଖୋଲାଯାଇ ଲୋକଙ୍କୁ ଥଇଥାନ କରାଯାଇଥିବା ବେଳେ ଶୁଖିଲା ଓ ରନ୍ଧାଖାଦ୍ୟ ଦିଆଯାଉଛି। ପ୍ରଶାସନିକ ଅଧିକାରୀ ଓ କର୍ମଚାରୀଙ୍କ ସହିତ ବିଭିନ୍ନ ସାମାଜିକ ଅନୁଷ୍ଠାନ ଏଥିରେ ସାହାଯ୍ୟ କରୁଛନ୍ତି। ସମ୍ବଲପୁର ସହରରେ ବର୍ଷାର



ଆଶ୍ରୟସ୍ଥଳରେ ଲୋକଙ୍କୁ ରନ୍ଧାଖାଦ୍ୟ ଦିଆଯାଉଛି।

### ଜଳ ନିଷ୍କାସନ ଜାରି, ପରିସ୍ଥିତିରେ ସୁଧାର

ପରିମାଣ କମିଯାଇଛି। ତେଣୁ ଧୋବିଜୋର ନାଳ, ହରଡ଼ ଜୋର ଓ ବିଭିନ୍ନ ଛୋଟବଡ଼ ନାଳଗୁଡ଼ିକରେ ଜଳ ପ୍ରବାହ କମିଛି। ୮ଟି ସ୍ଥାନରେ ପାଣି ପମ୍ପ ଲଗାଇ ଜମିଥିବା ପାଣି ନିଷ୍କାସନ କରାଯାଉଛି। ପାଣିପାଗ ବିଭାଗ ସୂଚନା ଅନୁସାରେ ଗୁରୁବାର ଅଧିକ ପରିମାଣର ବର୍ଷା ହେବାର ସମ୍ଭାବନା ରହିଛି। ଏହାକୁ ନେଇ ଏସ୍‌ଏମ୍‌ସି ପକ୍ଷରୁ ସମସ୍ତ ପ୍ରସ୍ତୁତି କରାଯାଇଛି। ଆଶ୍ରୟସ୍ଥଳରେ ଲୋକଙ୍କୁ ରନ୍ଧାଖାଦ୍ୟ ଦିଆଯାଉଛି।

# ରୂପାନ୍ତରିତ ସ୍କୁଲ ପରିସର ଜଳମଗ୍ନ



ଜମନକିରା,୧୭।୮ (ଡି.ଏନ.ଏ.)

୫-ଟି ଯୋଜନାରେ ରୂପାନ୍ତରିତ ହୋଇଥିବା ଜମନକିରା ବ୍ଲକର ଫାଶୀମାଲ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସର ଜଳମଗ୍ନ ହୋଇପଡିଛି। ସୂଚନା ଅନୁସାରେ ଗତବର୍ଷ ୬୦ଲକ୍ଷ ଟଙ୍କା ବ୍ୟୟ କରି ଏହି ସ୍କୁଲର ରୂପାନ୍ତରଣ କରାଯାଇଥିଲା। ହେଲେ ଡ୍ରେନେଜ ସୁବିଧା ହୋଇ ନ ଥିବାରୁ ଲଗାଣ ବର୍ଷାରେ ସ୍କୁଲ ପରିସରରେ ପାଣି ଜମି ପୋଖରୀ ସଦୃଶ ଦେଖାଯାଉଛି। ପାଣି ଜମିବା ଦ୍ୱାରା ସୌନ୍ଦର୍ଯ୍ୟକରଣ ପାଇଁ ଲଗାଯାଇଥିବା ବୃକ୍ଷଗୁଡିକ ପଚି ନଷ୍ଟ ହେବାର ସମ୍ଭାବନା ରହିଛି। ପ୍ରଶାସନ ଏ ଦିଗରେ ତୁରନ୍ତ ପଦକ୍ଷେପ ନେବା ପାଇଁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

# ପୁରୁଣାବସ୍ତିରେ ଡ୍ରେନ୍ ସମସ୍ୟାନେଇ ଦାବିପତ୍ର

ଝାରସୁଗୁଡ଼ା ଅଫିସ୍,୧୭।୮

ଝାରସୁଗୁଡା ପୌର ପରିଷଦ ଅନ୍ତର୍ଗତ ପୁରୁଣାବସ୍ତିର୧୬ ଓ ୧୭ନଂ ୱାର୍ଡର ବିଭିନ୍ନ ସମସ୍ୟା ନେଇ ଜିଲା ଭାଜପା ଉପସଭାପତି ନେତାଜୀ ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ପ୍ରତିନିଧିଦଳ ବୁଧବାର ପୌର ନିର୍ବାହୀ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରିଛି। ଏଥିରେ ଉଲ୍ଲେଖ ରହିଛି ୧୬ନଂ ୱାର୍ଡ ରାଜେନ୍ଦ୍ର ଗଳିର ଡ୍ରେନ ସମସ୍ୟା ଯୋଗୁ ବର୍ଷାଜଳ ନିଷ୍କାସନ ହୋଇ ନ ପାରି ଲୋକଙ୍କ ଘର ଭିତରେ ପଶୁଛି। ରାସ୍ତାରେ ଅଣ୍ଟୁଏ ଲେଖା ପାଣି ଜମି ରହୁଛି। ଏହା ସହିତ ରଘୁଘର ନିକଟରୁ ରାଜେନ୍ଦ୍ର ଗଳି ଓ ଲୁହୁରାପଡାରୁ ଭାଗବତ ମନ୍ଦିର ପର୍ଯ୍ୟ ରାସ୍ତାରେ ପାଇପ୍ ବିଛାଇବା ପାଇଁ ରାସ୍ତା ଖୋଳା ଯାଇଥିବାବେଳେ ଏହାକୁ ସମତୁଲ କରାଯାଇ ନ ଥିବାରୁ ରାସ୍ତା ଉପରେ ବର୍ଷାପାଣି ଜମି ରହୁଛି। ଶୁଖୁଆ ଗୋଦାମ ନିକଟରୁ ଗାୟତ୍ରୀ ବିହାର ପର୍ଯ୍ୟନ୍ତ ରାସ୍ତାରେ ମଧ୍ୟ ବର୍ଷାଜଳ ଜମି ରହୁଛି। ୧୭ନଂ ୱାର୍ଡର ମା' ସମଲେଇ ମନ୍ଦିର ଓରାମପଡା ନିକଟରୁ ସ୍କୁଲ୍ ପର୍ଯ୍ୟନ୍ତ ଡ୍ରେନ୍‌ରେ ପଙ୍କ ଜମି ରହିଥିବାବେଳେ ଏହା ଠିକ୍‌ଭାବେ ସଫା କରାଯାଉନାହିଁ। ଫଳରେ ବର୍ଷାଜଳ ନିଷ୍କାସନ ହୋଇ ନ ପାରି ରାସ୍ତା ଉପରେ ପ୍ରବାହିତ ହେଉଛ। ଏହାର ପ୍ରତିକାରପାଇଁ ପଡାବାସୀ ଦାବି କରିଥିବାବେଳେ ଭାଜପା ଏ ନେଇ ପୌର ପରିଷଦ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଛି।

### ଦେବଗଡ଼ରେ ପୁଣି ଗର୍ଜିଲେ ଠିକାଦାର

ଦେବଗଡ଼, ୧୭।୮ (ଡି.ଏନ୍.ଏ.)

ଦେବଗଡ଼ ଜିଲା ଠିକାଦାର ସଂଘର କାର୍ଯ୍ୟକାରୀ ସଭାପତି ଇଂ.ଅଜୟ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ସ୍ଥାନୀୟ ବସନ୍ତନିବାସ ଡାକବଙ୍ଗଳାଠାରେ ସଂଘର ୩୪ ତମ ବୈଠକ ଅନୁଷ୍ଠିତ ହୋଇଯାଇଛି। ପୂର୍ବ ବୈଠକରେ ସାଧାରଣ ସମ୍ପାଦକ ପଦବୀରୁ ଇସ୍ତଫାପତ୍ର ଦେଇଥିବା ଅନୁପମ ମୋଦିଙ୍କ ଇସ୍ତଫା ଗ୍ରହଣ କରାଯାଇ ଆଗାମୀ ୬ ମାସ ପର୍ଯ୍ୟନ୍ତ ପ୍ରଜିତ କୁମାର ଭୋଜଙ୍କୁ ସଂଘର କାର୍ଯ୍ୟକାରୀ ସାଧାରଣ ସମ୍ପାଦକ ଭାବେ ନିଯୁକ୍ତ କରାଯାଇଛି। ପୂର୍ବରୁ ଚାଲିଥିବା ସିଡ୍ୟୁଲ ରେଟ ଟେଣ୍ଡର ଏବଂ ୧ କୋଟି ପର୍ଯ୍ୟନ୍ତ ଠିକାକାମରେ ଜିଲା ଠିକାଦାରଙ୍କ ସଂରକ୍ଷଣ ପୁନଶ୍ଚ କଡାକଡି ଭାବେ ଲାଗୁ କରିବା ନେଇ ବୈଠକରେ ପ୍ରସ୍ତାବ ପାରିତ ହୋଇଥିଲା। ଏହି ପରିପ୍ରେକ୍ଷୀରେ ଜିଲା ବାହାର ଠିକାଦାରମାନଙ୍କୁ ପ୍ରସାରିତ ଖବର ମାଧ୍ୟମରେ ୧କୋଟି କିମ୍ବା କମ ମୂଲ୍ୟର ଟେଣ୍ଡରରେ ଭାଗ ନ ନେବାକୁ ଜିଲା ସଂଘ ପକ୍ଷରୁ ବିଶେଷ ଅନୁରୋଧ କରାଯାଇଛି। ବୈଠକରେ ସଂଘ କାର୍ଯ୍ୟକାରୀ ସଦସ୍ୟ ମଧ୍ୟରେ ଇଂ ଚିତ୍ତରଞ୍ଜନ ପ୍ରଧାନ, ଇଂ. ସୁଜିତ କୁମାର ପ୍ରଧାନ, ପ୍ରକାଶ କୁମାର ପାଲ, ଅନିଲ କୁମାର ରଣା, ନିରଞ୍ଜନ ମହାପାତ୍ର, ଯୁଗଳ କିଶୋର ନାଏକ, ସୌମ୍ୟକାନ୍ତ ପ୍ରଧାନ, ଇଂ. କୁମାର ସ୍ୱସ୍ତିକ ମହାପାତ୍ର ସମେତ ବରିଷ୍ଠ ଠିକାଦାର ହରିହର ପାଣି, ବିଜୟ କୁମାର ପ୍ରଧାନ, ସତ୍ୟନାରାୟଣ ପାଣି, ନନ୍ଦକିଶୋର ମହାପାତ୍ର, ସୁଧୀର କୁମାର ପ୍ରଧାନ, ପ୍ରଶାନ୍ତ କୁମାର ଧଳ, ଦେବାଶିଷ କପରଦାର, ଇଂ. ନରୋତ୍ତମ ଦେବ ସମେତ ଅନେକ ଯୁବ ଠିକାଦାର ଉପସ୍ଥିତ ଥିଲେ। ବୈଠକ ଶେଷରେ ନବନିଯୁକ୍ତ ସମ୍ପାଦକ ପ୍ରଜିତ କୁମାର ଭୋଜ ସମସ୍ତ ସଦସ୍ୟଙ୍କୁ ଧନ୍ୟବାଦ ଦେଇଥିଲେ।

# ସବୁଠି ଉଡ଼ିଲା ତ୍ରିରଙ୍ଗା



ଜାତୀୟ ପତାକା ଉତ୍ତୋଳନ ଅବସରରେ ଟିପିଡବ୍ଲ୍ୟୁଓଡିଏଲ୍ ଅଧିକାରୀମାନେ।

ସମ୍ବଲପୁର,୧୭।୮ (ବ୍ୟୁରୋ)

ସମ୍ବଲପୁର ଜିଲାର ବିଭିନ୍ନ ଶିକ୍ଷାନୁଷ୍ଠାନ, ଶିଳ୍ପ, କ୍ରୀଡାନୁଷ୍ଠାନରେ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି।

**ମହାନଦୀ କୋଇଲା କମ୍ପାନୀ:** ମହାନଦୀ କୋଇଲା କମ୍ପାନୀ ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଓପି ସିଂ ମୁଖ୍ୟଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ନିର୍ଦ୍ଦେଶକ (କାର୍ମିକ) କେଶବ ରାଓ, ମୁଖ୍ୟ ସତର୍କତା ଅଧିକାରୀ ପି.କେ. ପଟେଲ, ନିର୍ଦ୍ଦେଶକ ବୈଷୟିକ (ଯୋଜନା ଓ ପରିଚାଳନା) ଯୁଗଳ କୁମାର ବୋରା, ନିର୍ଦ୍ଦେଶକ (ବିତ୍ତ) ଏ.କେ. ବେହୁରା, ସଭାପତି ଜାଗୃତି ମହିଳା ମଣ୍ଡଳ ପଦ୍ମଜା ସିଂ, ଉପସଭାପତି ସରିତା ପଟେଲ ପ୍ରମୁଖ ଉପସ୍ଥିତ ଥିଲେ।

**ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ:** ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ସମ୍ବଲପୁର ପରିସରରେ କୁଳପତି ପ୍ରଫେସର ଅର୍କକୁମାର ଦାସ ମହାପାତ୍ର ପତାକା ଉତ୍ତୋଳନ କରି ପ୍ରାରମ୍ଭିକ ଭାଷଣ ଦେଇଥିଲେ। ବିଶ୍ୱବିଦ୍ୟାଳୟର କୁଳସଚିବ ପ୍ରଫେସର ଡ. ମାନସ ରଞ୍ଜନ ପୂଜାରୀ, ବିତ୍ତ ନିୟନ୍ତ୍ରକ ନଳିନୀ ରଞ୍ଜନ ଷଡ଼ଙ୍ଗୀଙ୍କ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ପୂର୍ବରୁ ଅନୁଷ୍ଠିତ ତର୍କ, ପ୍ରବନ୍ଧ ଓ ଚିତ୍ରାଙ୍କନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

**ବିକାଶ ସ୍କୁଲ:** ବିକାଶ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଟ୍ୟୁଶନ ଡାଇରେକ୍ଟର ଏକାଡେମିକ୍ସ ଜି. ରାମକ୍ରିଷ୍ଣା ମୁଖ୍ୟଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ବିକାଶ ସ୍କୁଲ ଅଧକ୍ଷ ମନୋରଞ୍ଜନ ପତି ସ୍ୱାଗତ ଭାଷଣ ଓ ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧକ୍ଷ ସଞ୍ଜୀବ କୁମାର ବାବୁ ଯୁବପୀଢ଼ିଙ୍କୁ ଉଦ୍‌ବୋଧନ ଦେଇଥିଲେ। ଏହି ଅବସରରେ ପ୍ରାରମ୍ଭିକ ସଂଗୀତ, ଦେଶାତ୍ମବୋଧକ ସଂଗୀତ, ଫ୍ୟାନ୍‌ସି ଡ୍ରେସ୍ ଓ ନୃତ୍ୟ ପ୍ରତିଯୋଗିତା ହୋଇଥିଲା। ଏକାଡେମିକ୍ ଅଧିକାରିଣୀ ପୁଷ୍ପିତା ପଣ୍ଡା ଧନ୍ୟବାଦ ଦେଇଥିଲେ।

**ଟିପିଡବ୍ଲ୍ୟୁଓଡିଏଲ୍:** ବୁର୍ଲାସ୍ଥିତ ଟିପିଡବ୍ଲ୍ୟୁଓଡିଏଲ୍ ମୁଖ୍ୟାଳୟରେ ମୁଖ୍ୟ ବିତ୍ତ ଅଧିକାରୀ ସତିଶ କୁମାର ରାଷ୍ଟ୍ରୀୟ ଧ୍ୱଜା ଉତ୍ତୋଳନ କରି କମ୍ପାନୀ କର୍ମଚାରୀ, ଅଧିକାରୀ ଓ ସେମାନଙ୍କ ପରିବାରବର୍ଗଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଏହାସହ ପଶ୍ଚିମ ଓଡ଼ିଶାରେ ବିଦ୍ୟୁତ୍ ସେବାର ଗୁଣାତ୍ମକ ମାନ ଓ ଜନସାଧାରଣଙ୍କ ଆଶାକୁ କମ୍ପାନୀ ପୂରଣ କରୁଥିବା କହିଥିଲେ।

# ଦାଣ୍ଡଜମରାକୁ ମରୁଡ଼ି ଘୋଷଣା କରାଯାଉ

ବଡ଼ଗାଁ, ୧୭।୮ (ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅନ୍ତର୍ଗତ ଦାଣ୍ଡଜମରା ପଞ୍ଚାୟତ ଅଞ୍ଚଳରେ ଚାଷୋପଯୋଗୀ ବର୍ଷା ନ ହେବାରୁ ଖରିଫ ଚାଷ ପ୍ରଭାବିତ ହୋଇଛି। ଏ ନେଇ ସ୍ଥାନୀୟ ଜନପ୍ରତିନିଧି ଓ ଅଞ୍ଚଳବାସୀ ପଞ୍ଚାୟତକୁ ସମ୍ପୂର୍ଣ୍ଣ ମରୁଡ଼ି ଘୋଷଣା ଦାବି କରି ବିଡ଼ିଓ କ୍ଷମାନିଧି ଭୋଇଙ୍କ ଜରିଆରେ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏହାର ଏକ ନକଲ ବଡ଼ଗାଁ ତହସିଲଦାର ସରୋଜ କୁମାର ପୃଷେଟଙ୍କୁ ଦିଆଯାଇଛି। ଦାଣ୍ଡଜମରା ସରପଞ୍ଚ ଗୋବର୍ଦ୍ଧନ ହାହା, ସମିତି ସଭ୍ୟ ପ୍ରଭା ଡୁଙ୍ଗଡୁଙ୍ଗଙ୍କ ସହିତ ଗ୍ରାମବାସୀଙ୍କ ଦସ୍ତଖତ ଥିବା ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ, ଶ୍ରାବଣ ମାସରେ ବର୍ଷା ହେଲାନାହିଁ। ଯାହାବି ଧାନ ବୁଣା ଯାଇଥିଲା ଓ ତଳି ପକାଯାଇଥିଲା ତାହା ନଷ୍ଟ ହୋଇଯାଇଛି। ପନିପରିବା ଚାଷ ମଧ୍ୟ ପାଣି ଅଭାବରୁ ନଷ୍ଟ ହୋଇଯାଇଛି। ବର୍ତ୍ତମାନ ବର୍ଷା ହେଲେ ମଧ୍ୟ ଚାଷ କାର୍ଯ୍ୟ ହେବାର ସମ୍ଭାବନା ନାହିଁ। ଏଭଳି ପରିସ୍ଥିତି ଯୋଗୁ ଚାଷୀକୁଳ ମୁଣ୍ଡରେ ହାତ ଦେଇ ବସିଛନ୍ତି। କିଏ ବ୍ୟାଙ୍କରୁ ତ କିଏ ସମବାୟ ସମିତିରୁ ଋଣ କରିଛନ୍ତି। ଚାଷ ନ ହେବାରୁ ଋଣ କିପରି ପରିଶୋଧ କରିବେ ଚାଷୀମାନେ ଚିନ୍ତାରେ ପଡ଼ିଛନ୍ତି। ପ୍ରଶାସନ ଅନୁଧ୍ୟାନ କରି ଅଞ୍ଚଳକୁ ସମ୍ପୂର୍ଣ୍ଣ ମରୁଡ଼ି ଘୋଷଣା କରିବା ସହିତ ଉପଯୁକ୍ତ କ୍ଷତିପୂରଣ ଦେବାକୁ ଦାବି କରାଯାଇଛି।



ଜିଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦିଆଯାଉଛି।

# ଲଗାଣବର୍ଷା: ଧସିଲା କାନ୍ଥ, ଭାଙ୍ଗିଲା ଘର

ନାକଟିଦେଉଳ,୧୭।୮ (ଡ଼ି.ଏନ.ଏ.)

ଲଘୁଚାପ ଜନିତ ଲଗାଣ ବର୍ଷାରେ ନାକଟିଦେଉଳ ବ୍ଲକରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ବର୍ଷା ଫଳରେ ୧୪ତାରିଖ ରାତ୍ରିରେ ନାକଟିଦେଉଳ ଗ୍ରାମର ସରଜୁ ପ୍ରଧାନଙ୍କ ମାଟିଘର କାନ୍ଥ ଧସି ପଡ଼ିଛି। ବାହାରକୁ କାନ୍ଥ ଧସିବାରୁ ପରିବାର ଲୋକେ ବର୍ତ୍ତି ଯାଇଥିଲେ। ସେହିପରି କିସିଣ୍ଡା ପଞ୍ଚାୟତର ଫଟାମୁଣ୍ଡା ଗ୍ରାମରେ ୧୪ତାରିଖ ସକାଳୁ ଏକ ବଡ଼ ତେନ୍ତୁଳି ଗଛ ମାଡ଼ି ବସିବାରୁ ୩ବଖରା ଘର ଭାଙ୍ଗି ଯାଇଛି।ଏହି ଗଛ ପଡ଼ିବା ଦ୍ୱାରା ଗ୍ରାମର ଦୁଲାଲ ଚନ୍ଦ୍ର ନାଏକଙ୍କର ୩ବଖରା ଆଜବେଷ୍ଟସ୍ ଘର ଓ ଯୋଗିନ୍ଦ୍ର କୁମୁରାଙ୍କର ଗୁହାଳ ଭାଙ୍ଗି ଯାଇଛି। ଅନୁଧ୍ୟାନ କରି ପ୍ରଶାସନ ପକ୍ଷରୁ କ୍ଷତିଗ୍ରସ୍ତଙ୍କୁ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି।



# ପଶ୍ଚିମ ଓଡ଼ିଶା ଯୁବାମଞ୍ଚର ଆମରଣ ଅନଶନ ଦ୍ୱିତୀୟ ଦିବସରେ

ସୁନ୍ଦରଗଡ଼,୧୭।୮ (ଡି.ଏନ.ଏ.)

### ସୁନ୍ଦରଗଡ଼ଠାରେ ଏମ୍ସ ପ୍ରତିଷ୍ଠା ଦାବି

ସୁନ୍ଦରଗଡ଼ଠାରେ ଓଡ଼ିଶାର ଦ୍ୱିତୀୟ ଏମ୍ସ ପ୍ରତିଷ୍ଠା ଦାବିରେ ପଶ୍ଚିମ ଓଡିଶା ଯୁବା ମଞ୍ଚ ପକ୍ଷରୁ ସ୍ଥାନୀୟ ଡିଆର୍‌ଡିଏ ଛକରେ ଚାଲିଥିବା ଆମରଣ ଅନଶନ ବୁଧବାର ଦ୍ୱିତୀୟ ଦିନରେ ପହଞ୍ଚିଛି। ଏହି ଅନଶନକୁ ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦ, ସାମାଜିକ ସଙ୍ଗଠନର କର୍ମକର୍ତ୍ତା, ସାଧାରଣ ଜନତା ସମର୍ଥନ ଜଣାଇ ସାମିଲ ହୋଇଛନ୍ତି। ରାଜଗାଙ୍ଗପୁର ବିଧାୟକ ଡା:ରାଜେନ ଏକ୍କା, ଜିଲା ପରିଷଦ ଅଧକ୍ଷା କୁନ୍ତୀ ପ୍ରଧାନ, ଜିଲା କଂଗ୍ରେସ କମିଟି ସଭାପତି ବେଣୁମାଧବ ତ୍ରିପାଠୀ, ସାଧାରଣ ସମ୍ପାଦକ ପର୍ଶୁରାମ ସରାଫ, ପୂର୍ବତନ କାଉନସିଲର ଦେବାଶିଷ ଦାଶ, ନଗର କଂଗ୍ରେସ ସଭାପତି ନେପାଳ ଚନ୍ଦ୍ର ସାହୁ, ଆଡଭୋକେଟ ପ୍ରଣବ ସିଂହ, ବିଶ୍ୱଜିତ ପଟ୍ଟନାୟକ ପ୍ରମୁଖ ଅନଶନ ସ୍ଥାନରେ ପହଞ୍ଚି ଅନଶନକାରୀଙ୍କୁ ସମର୍ଥନ ଜଣାଇ ବସିଥିଲେ। ଅନଶନରେ ବସିଥିବା ପଶ୍ଚିମ ଓଡିଶା ଯୁବା ମଞ୍ଚର ଦୀନେଶ ପଟେଲ, ଶୁଭମ ମହାପାତ୍ର, ସୁମିତ ଦାସ ଓ ରଞ୍ଜନ ମହାନନ୍ଦିଆଙ୍କ ସ୍ୱାସ୍ଥ୍ୟବସ୍ଥା ସ୍ୱାସ୍ଥ୍ୟ ବିଭାଗର ଏକ ଟିମ ଆସି ଯାଞ୍ଚ କରିଛନ୍ତି। କେନ୍ଦ୍ର ସରକାର ସୁନ୍ଦରଗଡ଼ଠାରେ ଏମ୍ସ ପ୍ରତିଷ୍ଠା ପାଇଁ ତୁରନ୍ତ ପଦକ୍ଷେପ ନେବାକୁ ଯୁବା ମଞ୍ଚ ପକ୍ଷରୁ ଦାବି କରାଯାଇଛି।




ଡିଆର୍‌ଡିଏ ଛକରେ ଅନଶନ ଚାଲିଛି।

# ଜିଲାପାଳଙ୍କୁ ଭାଜପାର ସ୍ମାରକପତ୍ର

ଝାରସୁଗୁଡ଼ା ଅଫିସ,୧୭।୮

ଝାରସୁଗୁଡ଼ା ଜିଲା ଲଖନପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଉନ୍ନତ ମାନର ସ୍ୱାସ୍ଥ୍ୟସେବା ଯୋଗାଇଦେବା ଦାବିରେ ଜିଲା ଭାଜପା ତରଫରୁ ଜିଲା ସଭାପତି ମଙ୍ଗଳ ସାହୁଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ବୁଧବାର ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରିଛି। ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ପ୍ରବୀର କୁମାର ନାୟକ ଏହାକୁ ଗ୍ରହଣ କରିଛନ୍ତି। ଏଥିରେ ଉଲ୍ଲେଖ ରହିଛି ଲଖନପୁର ବ୍ଲକ୍‌ରେ ଜନସଂଖ୍ୟା ୧,୬୫,୪୨୦ ରହିଛି। ଲୋକଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇବା ପାଇଁ ୧୯୬୧ରେ ସ୍ୱାସ୍ଥ୍ୟକେନ୍ଦ୍ର ପ୍ରତିଷ୍ଠା ହୋଇଥିବାବେଳେ ଆବଶ୍ୟକତା ଅନୁଯାୟୀ ଉନ୍ନତି ହୋଇପାରୁନାହିଁ। ଫଳରେ ଅଞ୍ଚଳବାସୀ ଉନ୍ନତ ସ୍ୱାସ୍ଥ୍ୟସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚାଣ୍ଟିପାଲି, କନକତୋରା, ପଲସଦା, ଅଢାପଡା ଓ କୁମ୍ଭାରବନ୍ଧ ଆଦି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ରୋଗୀମାନେ ସ୍ଥାନାନ୍ତର ହୋଇଥାନ୍ତି। ହେଲେ ଆବଶ୍ୟକ ସୁବିଧା ସୁଯୋଗ ନ ଥିବାରୁ ରୋଗୀମାନେ ଘରୋଇ ସ୍ୱାସ୍ଥ୍ୟକେନ୍ଦ୍ର ଓ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଯାଇଥାନ୍ତି। ଏଥିଯୋଗୁ ଅଧିକ ଖର୍ଚ୍ଚାନ୍ତ ହୋଇ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ଏହାକୁ ଉପଖଣ୍ଡ ସ୍ତରୀୟ ସ୍ୱାସ୍ଥ୍ୟକେନ୍ଦ୍ରର ମାନ୍ୟତା ପ୍ରଦାନକରି ଆବଶ୍ୟକ ଭିତ୍ତିଭୂମି ବିକାଶ ସହ ବିଶେଷଜ୍ଞ ଡାକ୍ତର,କର୍ମଚାରୀ ଓ ଆଧୁନିକ ଯନ୍ତ୍ରପାତି ଯୋଗାଇ ଦିଆଯାଉ। ଶବ ବ୍ୟବଚ୍ଛେଦ କେନ୍ଦ୍ର ପ୍ରତିଷ୍ଠା ପାଇଁ ଦାବି ହେଥିଲେ ମଧ୍ୟ ତାହା ପୂରଣ ହୋଇନାହିଁ। ଏ ନେଇ ପଦକ୍ଷେପ ନିଆ ନ ଗଲେ ଅଞ୍ଚଳବାସୀଙ୍କ ସହଯୋଗରେ ଦଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ଧାରଣା ଦେବବୋଲି ଚେତାବନୀ ଦେଇଛି। ଦାବିପତ୍ର ପ୍ରଦାନବେଳେ ଦଳୀୟ କର୍ମକର୍ତ୍ତା ପିତାମ୍ବର ମିଶ୍ର, ସୁଦାମ ପ୍ରଧାନ, କୃଷ୍ଣଚନ୍ଦ୍ର ରଥ, ଅଶୋକ ସାହୁ ଓ ରୋହିତ ରଣା ପ୍ରମୁଖ ଉପସ୍ଥିତ ଥିଲେ।



ଭାଜପା ପକ୍ଷରୁ ଅତିରିକ୍ତ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

### ଲଖନପୁର ସିଏଚ୍‌ସିରେ ଉନ୍ନତ ସ୍ୱାସ୍ଥ୍ୟସେବା ଦାବି

**ବିଦ୍ୟୁତ ସଂସ୍ପର୍ଶରେ ମହିଳା ମୃତ**

ଅମ୍ବାଭୋନା,(ଡି.ଏନ.ଏ): ବରଗଡ଼ ଜିଲା ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ବଡ଼ଧରା ଗ୍ରାମରେ ବିଦ୍ୟୁତ୍ ଆଘାତରେ ବୁଧବାର ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତା ଉକ୍ତ ଗ୍ରାମର ଧନୀରାମ ପଟେଲଙ୍କ ସ୍ତ୍ରୀ ଭୂମିସୁତା(୪୫) । ସକାଳେ ସେ ମେଶିନରେ ବିରି ପେଷୁଥିବା ସମୟରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସିଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କ ମୃତ୍ୟୁ ହୋଇଥିଲା । ବଡ଼ପୁଅ କିଶୋର ମୁଖାଗ୍ନୀ ଦେଇଥିଲେ। ତାଙ୍କ ପରଲୋକରେ ବଡ଼ଧରା ବୈଦ୍ୟପଡ଼ା ଲକ୍ଷ୍ମୀପୂଜା କମିଟି ଶୋକସନ୍ତପ୍ତ ପରିବାର ଲୋକଙ୍କୁ ସମବେଦନା ଜଣାଇଛନ୍ତି।



## ସଂକ୍ଷେପରେ

### ଗ୍ରାମବାସୀ-ବିଇଓ ବିବାଦର ସମାଧାନ

**କେନ୍ଦୁପାଲି ୫-ଟି ଉନ୍ନୀତ ହାଇସ୍କୁଲ**

ଅମରପାଲି,୧୭।୮(ଡି.ଏନ.ଏ.): ଶିକ୍ଷକ ନିଯୁକ୍ତିକୁ ନେଇ ବୀରମହାରାଜପୁର ବିଇଓ ଶାନ୍ତନୁ କୁମ୍ଭକାର ଓ କେନ୍ଦୁପାଲି ଗ୍ରାମବାସୀଙ୍କ ମଧରେ ହୋଇଥିବା ବିବାଦର ସମାଧାନ ହୋଇଛି। ଏନେଇ ବୁଧବାର ଅପରାହ୍ନରେ ବୀରମହାରାଜପୁର ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ଶାନ୍ତି କମିଟିର ବୈଠକ ହୋଇଥିଲା। ବୀରମହାରାଜପୁର ଉପଜିଲାପାଳ ଅଶୋକ କୁମାର ଭୋଇଙ୍କ ଅଧକ୍ଷତରେ ଅନୁଷ୍ଠିତ ବୈଠକରେ ତହସିଲଦାର ବିବୁଧ ଗଡନାୟକ,ବ୍ଲକ ଉପାଧକ୍ଷ ନାରାୟଣ ଲୁହା,ପୂର୍ବତନ ବ୍ଲକ ଅଧକ୍ଷ ରଞ୍ଜିତ କୁମାର ରଥ,ମିଳିତ ଶିକ୍ଷକ ସଂଘର ସଭାପତି ଯୁଗଳ କିଶୋର ମିଶ୍ର ଯୋଗ ଦେଇଥିଲେ । ଏହାଛଡା ବରିଷ୍ଠ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶାନ୍ତନୁ କୁମ୍ଭକାର,ପୂର୍ବତନ ସରପଞ୍ଚ ରାଧାକାନ୍ତ ବାଘ,କେନ୍ଦୁପାଲି ୫-ଟି ଉନ୍ନୀତ ହାଇସ୍କୁଲ ସ୍କୁଲ ପରିଚାଳନା କମିଟି ସଭାପତି ତ୍ରିଲୋଚନ ମେହେର,ମୋ ସ୍କୁଲ ଅଭିଯାନ କମିଟିର ସଭାପତି ଧର୍ମେନ୍ଦ୍ର ମେହେର ଙ୍କ ସମେତ କେନ୍ଦୁପାଲି ଗ୍ରାମବାସୀଙ୍କ ଏକ ପ୍ରତିନିଧି ଦଳ ଉପସ୍ଥିତ ଥିଲେ। ଶାନ୍ତି କମିଟିର ସଦସ୍ୟମାନେ ଗ୍ରାମବାସୀ ଓ ବିଇଓଙ୍କ ମଧରେ ହୋଇଥିବା ସମସ୍ୟା ସମାଧାନର ବାଟ ବାହାର କରିଥିଲେ। ସୂଚନାଯୋଗ୍ୟ, ଗତ ୨ତାରିଖରେ କେନ୍ଦୁପାଲି ହାଇସ୍କୁଲରେ ଶିକ୍ଷକ ସମସ୍ୟାକୁ ନେଇ ଛାତ୍ରୀଛାତ୍ର ଓ ଗ୍ରାମବାସୀ ସ୍କୁଲ ଫାଟକରେ ତାଲା ଦେଇ ଆନ୍ଦୋଳନ କରୁଥିଲେ। ଏହାର ସମାଧାନ ପାଇଁ ବୀରମହାରାଜପୁର ବିଇଓ କୁମ୍ଭକାର ସେଠାକୁ ଯାଇଥିବା ବେଳେ ତାଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରାଯିବା ନେଇ ବିବାଦ ଦେଖାଦେଇଥିଲା । ଏ ନେଇ ଉଭୟ ପକ୍ଷରୁ ଥାନାରେ ମାମଲା ହୋଇଥିଲା ।

### ସ୍ୱରଚିତ ଦେଶାତ୍ମବୋଧକ କବିତା ପାଠ

ଖଡ଼ିଆଳ/ସିନାପାଲି,୧୭।୮(ଡି.ଏନ.ଏ.): ନୂଆପଡ଼ା ଜିଲା ଖଡ଼ିଆଳଠାରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ସ୍ୱାଧୀନତାର ଅମୃତ ମହୋତ୍ସବରେ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ସ୍ୱରଚିତ ଦେଶାତ୍ମବୋଧକ କବିତା ପାଠ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ରାଜା ଆର୍ତ୍ତତ୍ରାଣ ସରକାରୀ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଓଡ଼ିଶା ସାହିତ୍ୟ ଏକାଡେମୀ ନୂଆପଡ଼ା ଜିଲା ସଦସ୍ୟା ଡ. ସୁରେଶ୍ୱରୀ ବାଘ ଅଧକ୍ଷତା କରିଥିବା ବେଳେ କବି ଗୌରାଙ୍ଗ କୁମାର ସାହୁ କବିତା ପାଠୋତ୍ସବ ସଂଯୋଜନା କରିଥିଲେ। କବି ପବିତ୍ର ମୋହନ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। କବି ରୁଦ୍ର ମାଧବ ବାରିକ, ଅଶ୍ୱିନୀ କୁମାର ପାଢ଼ୀ, ନିକିତା ମହାଉତି ଓ ରମାକାନ୍ତ ସିଂହ ସାହାଣୀ ଅତିଥିଙ୍କୁ ସମ୍ବର୍ଦ୍ଧନା କରିଥିଲେ। ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଗାଳ୍ପିକ ମାୟାଧର ସରାଫଙ୍କ ଅଧକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କବୟିତ୍ରୀ ଡ. ଗୀତାଶ୍ରୀ ପ୍ରିୟମ୍ବଦା କବିତା ପଠୋତ୍ସୋବ ସଂଯୋଜନା କରିଥିଲେ। କବି ଆଦିତ୍ୟ ନାରାୟଣ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ସିନାପାଲିଠାରେ ସ୍ୱରଚିତ ଦେଶାତ୍ମବୋଧକ କବିତା ପାଠ ଅନୁଷ୍ଠିତ ହୋଇଛି। ଏକାଡେମୀ ଜିଲା ପ୍ରତିନିଧି ସୁରେଶ୍ୱରୀ ବାଘ ଏବଂ ଆୟୋଜକ ଦାୟିତ୍ୱ ଗଙ୍ଗାଧର ସାରସ୍ୱତ ସମିତି ସଭାପତି ବୈଷ୍ଣବ ମେହେରଙ୍କ ତତ୍ତ୍ୱାବଧାନରେ ଅତିଥି ଭାବେ ଆଦର୍ଶ ଶିକ୍ଷକ ତୁଳସୀରାମ ମେହେର, ଆଇନଜୀବୀ ବୈଶମ୍ପାୟନ ମେହେର, ସାମାଜିକ କର୍ମୀ ସୁବ୍ରତ ଠାକୁର, ଅଧାପକ ନବୀନଚନ୍ଦ୍ର ମେହେର ପ୍ରମୁଖ ଯୋଗଦେଇଥିଲେ। ବଂଶୀଧର ଜଗତ ଧନ୍ୟବାଦ ଦେଇଥିଲେ।

# ଅଣଧାନ ଚାଷକୁ ଅଧିକ ଗୁରୁତ୍ୱ

ବରଗଡ଼ ଅଫିସ୍,୧୭।୮


ଜିଲା ପରିଷଦ ଷ୍ଟାଣ୍ଡିଂ କମିଟି ବୈଠକରେ ଉପସ୍ଥିତ ଅଧିକାରୀ ଓ ଜନ ପ୍ରତିନିଧି।

**ଜିଲା ପରିଷଦ ଷ୍ଟାଣ୍ଡିଂ କମିଟି-ବି ବୈଠକ**

ବରଗଡ଼ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ବୁଧବାର ଜିଲା ପରିଷଦ ଷ୍ଟାଣ୍ଡିଂ କମିଟି-ବି ବୈଠକ ଅନୁଷ୍ଠିତ ହୋଇଯାଇଛି। କମିଟି ଅଧ୍ୟକ୍ଷ ଈଶ୍ୱର ଚନ୍ଦ୍ର ସାହୁ ଏଥିରେ ଅଧ୍ୟକ୍ଷତା କରିଥିଲେ। ବୈଠକରେ ଜିଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ, ଉପାଧ୍ୟକ୍ଷ ମୋହନ ଲୁହା, ଜିଲା ପରିଷଦ ସଭ୍ୟ ସୁଦାମ ଚରଣ ସାହୁ, ସୁଦାମ ଜାଲ, ସନ୍ତୋଷ କୁମାର ବେହେରା, ପ୍ରଭାସିନୀ ପ୍ରଧାନ, ପୁଷ୍ପା ଭୋଇଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଯୋଗଦେଇଥିଲେ। କୃଷି ବିଭାଗର ସମୀକ୍ଷା ବେଳେ ୪୦୦ ହେକ୍ଟରରେ ଧନିଚା ଏବଂ ୭୫ଏକର ଜମିରେ ମାଣ୍ଡିଆ ଚାଷ ପାଇଁ ଡେମୋନଷ୍ଟ୍ରେଶନ ହୋଇଥିବା ବିଭାଗୀୟ ଅଧିକାରୀ ସୂଚନା ଦେଇଥିଲେ। ସେହିପରି ଚାଷୀଙ୍କୁ ୫୦୦ ଚିନାବାଦାମ ଏବଂ ୭୦୦ ରାଶି ମିନିକିଟ୍ ପ୍ରଦାନ କରାଯାଇଛି। ୩୦ହେକ୍ଟର ଜମିରେ ମୁଗଚାଷ ପାଇଁ ଲକ୍ଷ୍ୟଧାର୍ଯ୍ୟ ହୋଇଥିବା ସୂଚନା ଦିଆଯାଇଥିଲା।

ପ୍ରକୃତ ଚାଷୀ ଚିନାବାଦାମ ବିହନ ପାଉ ନ ଥିବା ସମ୍ପର୍କରେ ଜିଲା ପରିଷଦ ସଭ୍ୟମାନେ ଅଭିଯୋଗ କରିଥିଲେ। ଚାଷୀଙ୍କୁ ବିହନ ଯୋଗାଣ ସମୟରେ ସ୍ଥାନୀୟ ସରପଞ୍ଚଙ୍କ ସମେତ ଜିଲା ପରିଷଦ ସଭ୍ୟ ଉପସ୍ଥିତ ରହିବା ସହିତ ନିର୍ଦ୍ଦିଷ୍ଟ ସମୟରେ ଏହି ବିହନ ଯୋଗାଇ ଦେବାକୁ ଜିଲା ପରିଷଦ ଉପାଧ୍ୟକ୍ଷ ମୋହନ ଲୁହା ଗୃହରେ ଦାବି କରିଥିଲେ। ଝାରବନ୍ଧ ବ୍ଲକରେ ଚାଷୀଙ୍କୁ ବିହନ ଯୋଗାଇ ଦିଆଯାଉ ନଥିବା ସମ୍ପର୍କରେ ସଭ୍ୟ ସନ୍ତୋଷ ବେହେରା ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ୫୦ପ୍ରତିଶତ ଏବଂ ଇଣ୍ଟିଗ୍ରେଟେଡ୍ ଫାର୍ମିଂ ସିଷ୍ଟମରେ ଗାଈ, ଛେଳି, ମାଛ, ମହୁ, କୁକୁଡ଼ା ପାଳନ ନିମନ୍ତେ ୪୦ରୁ ୫୦ପ୍ରତିଶତ ରିହାତି ପ୍ରଦାନ କରାଯାଉଛି ବୋଲି ବିଭାଗୀୟ ଅଧିକାରୀ ସୂଚନା ଦେଇଥିଲେ।

ମିଲେଟ୍ ମିଶନ ଯୋଜନାରେ ମାଣ୍ଡିଆ ଚାଷ ପାଇଁ ପ୍ରୋତ୍ସାହନ ଦିଆଯାଉଛି ବୋଲି ମୁଖ୍ୟ ଜିଲା କୃଷି ଅଧିକାରୀ ସନ୍ତୋଷ କୁମାର ମହାରଣା କହିଥିଲେ। ପ୍ରାଣୀ ସମ୍ପଦ ବିଭାଗର ସମୀକ୍ଷାବେଳେ କୁକୁଡ଼ା ଚାଷ ପାଇଁ ପ୍ରୋତ୍ସାହନ ଦିଆଯାଉଛି ବୋଲି ବିଭାଗୀୟ ଅଧିକାରୀ କହିଥିଲେ। ସେହିପରି ଅଣ୍ଡାଦିଆ କୁକୁଡ଼ା, କୁକୁଡ଼ା ଫାର୍ମ ଏବଂ କୁକୁଡ଼ା ଚିଆଁ ପ୍ରଦାନ ପାଇଁ ସହାୟତା ଯୋଗାଣ ବ୍ୟବସ୍ଥା ରହିଥିବା ସୂଚନା ଦିଆଯାଇଥିଲା। ଜିଲାରେ ଓମଫେଡ୍ କ୍ଷୀରର ଅଗ୍ରଗତି ସମ୍ପର୍କରେ ଜିଲା ପରିଷଦ ସଭ୍ୟ ସୁଦାମ ଜାଲ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

ଉଦ୍ୟାନ ବିଭାଗର ସମୀକ୍ଷାବେଳେ ଗତବର୍ଷ ୧୦୫୦ ଏକର ଜମିରେ ପାମ୍ ଚାଷ ପାଇଁ ଲକ୍ଷ୍ୟ ଧାର୍ଯ୍ୟ ରଖାଯାଇଥିବା ସୂଚନା ଦିଆଯାଇଥିଲା। ଉଦ୍ୟାନ ବିଭାଗର ୧୧୦ ଏକର ଜମି ବିଜେପୁର ଅଞ୍ଚଳରେ ପଡିଆ ପଡ଼ିଛି ଏବଂ ଏହାର ସଦୁପଯୋଗ ପାଇଁ ଜିଲା ପରିଷଦ ସଭ୍ୟ ସୁଦାମ ଚରଣ ସାହୁ ଗୃହରେ ଦାବି ଉପସ୍ଥାପନ କରିଥିଲେ। ମତ୍ସ୍ୟଚାଷ ବିଭାଗର ସମୀକ୍ଷାବେଳେ ପ୍ରଧାନମନ୍ତ୍ରୀ ମତ୍ସ୍ୟ ପୋଖରୀ ଏବଂ ରାଜ୍ୟ ମତ୍ସ୍ୟ ପୋଖରୀ ଯୋଜନାରେ ଚାଷୀମାନଙ୍କୁ ସହାୟତା ପ୍ରଦାନ କରାଯାଇଥିବା ସମ୍ପର୍କରେ ବିଭାଗୀୟ ଅଧିକାରୀ ସୂଚନା ପ୍ରଦାନ କରିଥିଲେ। ଏହା ସହିତ ଜଳଛାୟା ପ୍ରକଳ୍ପର ସମୀକ୍ଷା ହୋଇଥିଲା। ଜିଲା ପରିଷଦ ଉପାଧ୍ୟକ୍ଷ ମୋହନ ଲୁହା ଧନ୍ୟବାଦ ଅର୍ପଣ କରିଥିଲେ।

# ସ୍ୱତନ୍ତ୍ର ଟିମ୍ ଗଠନ କରି ପୋଲିସ ତନାଘନା

ବଲାଙ୍ଗୀର ଅଫିସ,୧୭।୮

**ମା' ସମ୍ମୁଖରେ ପୁଅକୁ ହାଣି ହତ୍ୟା ଘଟଣା**

ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ ପରିସରରେ ମଙ୍ଗଳବାର ସକାଳେ ଅଜୁ ଦୋରା (୨୫)ଙ୍କୁ ହତ୍ୟା କରାଯାଇଥିଲା। ହତ୍ୟା ଘଟଣାର ରହସ୍ୟ ଉନ୍ମୋଚନ ଏବଂ ସମ୍ପୃକ୍ତ ଅଭିଯୁକ୍ତଙ୍କ ଗିରଫଦାରୀ ପାଇଁ ପୋଲିସ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରି ତନାଘନା ଚଳାଇଛି। ପୋଲିସ ବିଭିନ୍ନ ଦିଗକୁ ତନ୍ନତନ୍ନ କରି ଅନୁସନ୍ଧାନ କରୁଥିବା ଏସ୍‌ଡିପିଓ ତୋଫାନ ବାଗ କହିଛନ୍ତି। ହତ୍ୟା କରିବା ପୂର୍ବ ଏବଂ ପର ଦୃଶ୍ୟ ସିସିଟିଭିରେ କଏଦ ହୋଇଛି। ଏହାକୁ ପୋଲିସ ଯାଞ୍ଚ କରୁଛି। କେଉଁମାନେ ହତ୍ୟା କରିଛନ୍ତି ଏବଂ ଏଥିରେ କଣ କାରଣ ରହିଥିଲା ତାକୁ ପୋଲିସ ଜାଣି ପାରିଛି। ହତ୍ୟାକାରୀଙ୍କୁ ଗିରଫ କରିବା ପାଇଁ ଏକ ସ୍ୱତନ୍ତ୍ର ଟିମ୍ କାମ କରୁଛି। ମଙ୍ଗଳବାର ସକାଳେ ହସ୍ପିଟାଲ ପରିସରରେ ଇଡଲି ଠେଲା ଖୋଲିବାକୁ ଏକ ସ୍କୁଟିରେ ଅଜୁ ତାଙ୍କ ମାଆ ଜୟନ୍ତୀ ଦୋରାଙ୍କୁ ବସାଇ ଆସୁଥିବାବେଳେ ହସ୍ପିଟାଲ ପରିସରସ୍ଥ ସିକ୍ୟୁରିଟି ଅଫିସ ସମ୍ମୁଖରେ ଦୁଇଜଣ ମୁଖାପିନ୍ଧା ଯୁବକ ଏକ ଖଣ୍ଡାରେ ଅଜୁଙ୍କୁ ହାଣି ଦେଇଥିଲେ। ଏହା ଆକ୍ରମଣରେ ଅଜୁଙ୍କ ମୃତ୍ୟୁ ଘଟିଥିବାବେଳେ ତାଙ୍କ ମାଆ ଗୁରୁତର ଆହତ ହୋଇଥିଲେ।

# ଦେଶାତ୍ମବୋଧକ କବିତା ପାଠୋତ୍ସବ


ଯୋଗଦେଇଥିବା କବୟିତ୍ରୀ, କବିମାନେ।

ଜୁନାଗଡ,୧୭।୮(ଡି.ଏନ.ଏ.)

ସ୍ୱାଧୀନତାର ୭୫ବର୍ଷ ପୂର୍ତ୍ତିଅମୃତ ମହୋତ୍ସବ ଉପଲକ୍ଷେ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ କଳାହାଣ୍ଡି ଜିଲା ଜୁନାଗଡ ସହରର ଏକ ହୋଟେଲ ସଭାଗୃହଠାରେ ଦେଶାତ୍ମବୋଧକ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅଞ୍ଚଳର ୨୨ଜଣ କବିୟତ୍ରୀକବି ସ୍ୱରଚିତ କବିତା ପାଠ କରିଥିଲେ। ସାହିତ୍ୟକ କୈଳାସ ରାଉତଙ୍କ ଅଧକ୍ଷତାରେ ଅନୁଷ୍ଠିତ କବିତା ପାଠୋତ୍ସବରେ ଅତିଥି ଭାବେ ଜୁନାଗଡ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର, ଜିଲା ପରିଷଦ ଅଧକ୍ଷ ପୁଷ୍ପେନ୍ଦ୍ର ସିଂଦେଓ, ଉପାଧକ୍ଷା ସୁଧିରା ମେହେର, ସାମାଜିକ କର୍ମୀ ରମେଶ ଚନ୍ଦ୍ର ନାୟକ, ଉଦ୍ଧବ ଚରଣ ସାହୁ, କବି ସୁଧିର ମେହେର ପ୍ରମୁଖ ଯୋଗଦେଇଥିଲେ। ବବିତା ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଭାଗିରଥି ସାଗର, ପ୍ରିୟମଞ୍ଜରୀ ପଣ୍ଡା ଓ ପଲ୍ଲବୀ ଦାସ ପ୍ରାରମ୍ଭିକ ସୂଚନା ଦେଇଥିଲେ। ସେହିପରି ଶିକ୍ଷକ ପ୍ରେମଲାଲ ବାଗ ଓ ଅଜୟ ଦାଶ ଧନ୍ୟବାଦ ଦେଇଥିଲେ।

# ଷ୍ଟ୍ରେଚରରେ ୨ କି.ମି. ବୁହା ହେଲେ ଗର୍ଭବତୀ

ଭବାନୀପାଟଣା,୧୭।୮(ସ୍ୱ.ପ୍ର.)


ଷ୍ଟ୍ରେଚରରେ ମହିଳାଙ୍କୁ ନିଆଯାଉଛି।

କଳାହାଣ୍ଡି ଜିଲା ଜୟପାଟଣା ଅଞ୍ଚଳରେ ପ୍ରସବ ଯନ୍ତ୍ରଣାରେ ଛଟପଟ ଜଣେ ଗର୍ଭବତୀଙ୍କୁ ଷ୍ଟ୍ରେଚରରେ ୨ କି.ମି. ବୋହି ନେବା ଘଟଣା ଅଞ୍ଚଳରେ ଆଲୋଡନ ସୃଷ୍ଟି ହୋଇଛି। ଜୟପାଟଣା ବ୍ଲକ ସଦର ମହକୁମାଠାରୁ ମାତ୍ର ୭ କି.ମି. ଦୂର ନାଗୁପଡା ଗାଁର ଏଭଳି ଏକ ହୃଦୟ ବିଦାରକ ଦୃଶ୍ୟ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି।

ପାଇକେନ୍ଦୁଗୁଣ୍ଡି ପଞ୍ଚାୟତ ଅନ୍ତର୍ଗତ ନାଗୁପଡା ଗାଁକୁ ବର୍ଷା ଦିନ ଆସିଲେ ଜଳବନ୍ଦୀ କରିଦିଏ ନିକଟରେ ବହୁଥିବା ଛଞ୍ଚାଣ ନାଳ। ଗତ ୧୩ରୁ ୧୫ ପର୍ଯ୍ୟନ୍ତ ୩ ଦିନ ଧରି ଅଞ୍ଚଳରେ ଲଘୁଚାପଜନିତ ପ୍ରବଳ ବର୍ଷା ଯୋଗୁ ଉକ୍ତ ନାଳରେ ପ୍ରଖର ଜଳସ୍ରୋତ ବୋହୁଛି। ମଙ୍ଗଳବାର ଗ୍ରାମର ପ୍ରମିଳା ନାଏକଙ୍କୁ ପ୍ରସବ ଯନ୍ତ୍ରଣା ହେବାରୁ ତାଙ୍କୁ ଡାକ୍ତରଖାନା ନେବାକୁ ପରିବାର ଲୋକେ ଉଦ୍ୟମ କରିଥିଲେ। କିନ୍ତୁ ଗାଁକୁ ଆମ୍ବୁଲାନ୍ସ ଆସି ନ ପାରି ୨ କି.ମି. ଦୂରରେ ରହିଥିଲା। ଘର ଲୋକେ, ଆଶା କର୍ମୀ ଓ ଗ୍ରାମବାସୀ ଷ୍ଟ୍ରେଚର ଯୋଗେ ପ୍ରମିଳାଙ୍କୁ ୨ କି.ମି. ବୋହିବା ପରେ ଆମ୍ବୁଲାନ୍ସରେ ଆଣି ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ତେବେ ଏହି ନଦୀରେ ଏକ ପୋଲ ନିର୍ମାଣ ପାଇଁ ଦୀର୍ଘ ଦିନରୁ ଦାବି କରି ଆସୁଛନ୍ତି ନାଗୁପଡା ଗ୍ରାମବାସୀ। ଏଥିପାଇଁ ସେମାନେ ପଞ୍ଚାୟତ ନିର୍ବାଚନରେ ଭୋଟ ବର୍ଜନ କରିଥିଲେ। ରାଜ୍ୟ ସରକାର ଏହାକୁ ସମ୍ବେଦନଶୀଳ ଭାବେ ଗ୍ରହଣ କରି ଉକ୍ତ ନାଳାରେ ୫ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟ ଅଟକଳରେ ଏକ ପୋଲ ନିର୍ମାଣ ପାଇଁ ଅନୁମୋଦନ କରିଛନ୍ତି। ଏଥିପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଟେଣ୍ଡର ପ୍ରକ୍ରିୟା ହୋଇଥିବା ବେଳେ ନିର୍ମାଣ କାର୍ଯ୍ୟ ଶୀଘ୍ର ଆରମ୍ଭ କରାଯିବ ବୋଲି ଧର୍ମଗଡ଼ ଗ୍ରାମ୍ୟ ଉନ୍ନୟନ ବିଭାଗ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ କହିଛନ୍ତି।

### ଅନେକ ଅଙ୍ଗନୱାଡି କେନ୍ଦ୍ରରେ ଉଡ଼ିଲାନି ତ୍ରିରଙ୍ଗା

ବେହେରା,୧୭।୮(ଡି.ଏନ.ଏ.)

ନିଜସ୍ୱ କୋଠା ନ ଥିବା କିମ୍ବା ବର୍ଷବର୍ଷ ଧରି ନିର୍ମାଣ କାର୍ଯ୍ୟ ଶେଷ ହୋଇପାରୁ ନ ଥିବାରୁ ଅନେକ ଅଙ୍ଗନୱାଡି କେନ୍ଦ୍ରର ଶିଶୁମାନେ ଚଳିତ ବର୍ଷ ତ୍ରିରଙ୍ଗା ଉଡାଇ ପାରି ନାହାନ୍ତି। ଏପରି ଘଟଣା କଳାହାଣ୍ଡି ଜିଲା ଧର୍ମଗଡ ବ୍ଲକ ଦଣ୍ଡପାଟ ଅଞ୍ଚଳରେ ଦେଖିବାକୁ ମିଳିଛି। ବେହେରା ପଞ୍ଚାୟତ କେନ୍ଦ୍ର ନଂ. ୧, କେନ୍ଦ୍ର ନଂ. ୩ ଓ ପଲସାପଡା କେନ୍ଦ୍ର ନିର୍ମାଣ କାର୍ଯ୍ୟ ଅହେତୁକ ବିଳମ୍ବ ହେଉଥିବା ବେଳେ କେନ୍ଦ୍ର ନଂ. ୧ରେ ପ୍ରାକ୍ ପ୍ରାଥମିକ ଶିକ୍ଷା ବର୍ଷେ ହେଲା ବନ୍ଦ ରହିଛି। କେନ୍ଦ୍ର ନଂ. ୪ ଓ ଗଇନ୍ତାପଡା କେନ୍ଦ୍ରର ଏ ପର୍ଯ୍ୟନ୍ତ ନିଜସ୍ୱ କୋଠା ନିର୍ମାଣ ହୋଇପାରିନାହିଁ। ସେହିପରି ଧଅଁରପୁର ଗ୍ରାମପଞ୍ଚାୟତ କେନ୍ଦ୍ର ନଂ. ୨ର ବିଲଡିଂ ନିର୍ମାଣ କାର୍ଯ୍ୟ ୨୦୦୬ରୁ ଆରମ୍ଭ ହୋଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ହୋଇପାରି ନାହିଁ। କେନ୍ଦ୍ର ନଂ. ୧ ସମ୍ପୂର୍ଣ୍ଣ ଭୁଶୁଡି ପଡିଥିବା ବେଳେ ଏ ଯାଏ ନିର୍ମାଣ ହୋଇନାହିଁ। ନିର୍ମାଣ କାର୍ଯ୍ୟ ଅହେତୁକ ବିଳମ୍ବ ହେଉଥିବା ନେଇ ଧର୍ମଗଡ ସହକାରୀ ଯନ୍ତ୍ରୀଙ୍କୁ ପଚାରିବାରୁ ଖୁବ୍‌ଶୀଘ୍ର କାର୍ଯ୍ୟ ଆରମ୍ଭ ହେବ ବୋଲି କହିଥିଲେ।

# ନିର୍ମାଣାଧୀନ ଓଭରବ୍ରିଜ୍ ନିକଟରେ ଧାରଣା


ଅଧିକାର ଫାଉଣ୍ଡେଶନ ନେତୃତ୍ୱରେ ବରପାଲି ଓଭରବ୍ରିଜ ନିକଟରେ ଧାରଣା ଦିଆଯାଇଛି।

ବରଗଡ଼ ଅଫିସ୍,୧୭।୮

ବରଗଡ଼ ଜିଲା ବରପାଲିର ରେଲୱେ ଓଭରବ୍ରିଜ ନିର୍ମାଣ କାର୍ଯ୍ୟ ସରୁ ନଥିବା ଯୋଗୁ ଅଞ୍ଚଳରେ ଅସନ୍ତୋଷ ବଢ଼ି ଚାଲିଛି। ନିର୍ମାଣ କାର୍ଯ୍ୟ ଅସମ୍ପୂର୍ଣ୍ଣ ହେବା ସହିତ ପାର୍ଶ୍ୱସ୍ଥ ରାସ୍ତା ଶୋଚନୀୟ ହୋଇପଡ଼ି ଥିବା ଯୋଗୁ ଅଞ୍ଚଳବାସୀଙ୍କୁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଏଥିପାଇଁ ନିୟମିତ ଛୋଟବଡ଼ ଦୁର୍ଘଟଣା ଘଟୁଛି । ଏହାର ପ୍ରତିବାଦରେ ବୁଧବାର ବରପାଲିର ଅଧିକାର ଫାଉଣ୍ଡେଶନ ନେତୃତ୍ୱରେ ନିର୍ମାଣାଧିନ ଓଭରବ୍ରିଜ ନିକଟରେ ଧାରଣା ଦିଆଯାଇଛି। ଧାରଣାକୁ ସମର୍ଥନ ଜଣାଇ ସ୍ଥାନୀୟ ଟ୍ୟାକ୍ସି ମାଲିକ ସଂଘ, ମୁସଲିମ ସମାଜ ଆଦି ଅନୁଷ୍ଠାନ ସାମିଲ ଅଛନ୍ତି।

# ପାର୍ବତୀ ଗିରିଙ୍କ ୨୮ତମ ଶ୍ରାଦ୍ଧବାର୍ଷିକ ପାଳିତ

ପାଇକମାଳ, ୧୭।୮(ଡି.ଏନ.ଏ.)


ପାର୍ବତୀ ଗିରିଙ୍କ ଶ୍ରାଦ୍ଧବାର୍ଷିକୀରେ ଅନ୍ତେବାସୀଙ୍କ ସହ ଅତିଥିମାନେ।

ବରଗଡ ଜିଲା ପାଇକମାଳସ୍ଥିତ କସ୍ତୁରବା ଗାନ୍ଧୀ ମାତୃନିକେତନ ପରିସରରେ ସ୍ୱାଧୀନତା ସଂଗ୍ରାମୀ ପାର୍ବତୀ ଗିରିଙ୍କ ୨୮ତମ ଶ୍ରାଦ୍ଧବାର୍ଷିକୀ ବୁଧବାର ପାଳିତ ହୋଇଯାଇଛି। ଅନ୍ତେବାସୀମାନେ ପ୍ରାତଃରୁ ପ୍ରଭାତଫେରି, ନୃସିଂହନାଥଠାରେ ତିଳତର୍ପଣ, ନୃସିଂହନାଥ ଗାନ୍ଧୀ ପୀଠ ପରିସର ତଥା ପାର୍ବତୀ ଗିରିଙ୍କ ସମାଧି ପୀଠ ସଫା କରିଥିଲେ। ମାତୃନିକେତନ ପରିସରରେ ଅନ୍ତେବାସୀଙ୍କ ମଧରେ ବିଭିନ୍ନ ଖେଳ, ବକ୍ତୃତା, ଗୀତ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏ ନେଇ ଅନୁଷ୍ଠିତ ସଭାରେ କମିଟି ସଭାପତି ସ୍ୱର୍ଣ୍ଣପ୍ରଭା ପାଣିଗ୍ରାହୀ ଅଧକ୍ଷତା କରି ପାର୍ବତୀ ଗିରିଙ୍କ ସଂଘର୍ଷମୟ ଜୀବନୀ ଉପରେ ଆଲୋକପାତ କରିଥିଲେ। କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଏଥିସହ ପାର୍ବତୀ ଗିରିଙ୍କ ପ୍ରତିମୂର୍ତ୍ତିରେ ଦୀପ ପ୍ରଜ୍ୱଳନ ସହ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ମମତା ପୁରୋହିତ, ନିରୁପମା ମହାପାତ୍ର, ଭାରତୀ ଶତପଥୀ, କଳ୍ପନା ବଡପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ନିର୍ମଳ ଗିରି ଧନ୍ୟବାଦ ଅର୍ପଣ କରିଥିଲେ।

# ଚୋରିର ୨୪ଘଣ୍ଟାରେ ବନ୍ଧାହେଲେ ଚୋର

ସୋହେଲା, ୧୭।୮(ଡି.ଏନ.ଏ.)

**ଚୋରି ସୁନା ଅଳଙ୍କାର ଜବତ, ୨ଗିରଫ**

ବରଗଡ ଜିଲା ସୋହେଲା ବ୍ଲକ ଲୋହରାଚଟି ଗାଁରେ ମଙ୍ଗଳବାର ମଧ୍ୟାହ୍ନରେ ଜଗମୋହନ ରାଉତିଆଙ୍କ ଘରୁ ଚୋରି ହୋଇଥିଲା। ଘରେ କେହି ନ ଥିବା ବେଳେ ଆଲମାରି ଭାଙ୍ଗି ଚୋରମାନେ ସୁନା ଅଳଙ୍କାର ଚୋରି କରି ନେଇଥିବା ସୋହେଲା ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଭିତ୍ତି କରି ପୋଲିସ ତଦନ୍ତ ଚଳାଇଥିଲା। ଚେରିର ୨୪ଘଣ୍ଟା ନ ପୁରୁଣୁ ପୋଲିସ ୨ଜଣଙ୍କୁ ଗିରଫ କରିଥିବା ବେଳେ ଚୋରି ସାମଗ୍ରୀ ଜବତ କରିଛି। ଗିରଫ ଚୋରମାନେ ହେଲେ ଲୋହରାଚଟି ଗାଁର ସୁଜିତ ମେହେର ଏବଂ ରମେଶ ଚନ୍ଦ୍ର ମେହେର। ଏଥିସହିତ ସେମାନେ ଲୁଚାଇ ରଖିଥିବା ପ୍ରାୟ ୧୦୦ ଗ୍ରାମ ସୁନା ଅଳଙ୍କାରକୁ ପୋଲିସ ଜବତ କରିଛି। ବୁଧବାର ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କାରାଯାଇଛି। ଅପରାହ୍ନରେ ସୋହେଲା ଥାନା ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପଦ୍ମପୁର ଏସ୍‌ଡିପିଓ ବିଭୂତି ଭୂଷଣ ଭୋଇ ଏ ନେଇ ସୂଚନା ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ଥାନାଧିକାରୀ ହରିବନ୍ଧୁ ଗଡ଼ତିଆ ଉପସ୍ଥିତ ଥିଲେ।


ଗିରଫ ଅଭିଯୁକ୍ତଙ୍କୁ ଖବରଦାତା ସମ୍ମିଳନୀରେ ହାଜର କରାଯାଇଛି।

# ଶ୍ରମିକଙ୍କ ଆକାଉଣ୍ଟରେ ଜମା ହେଉନି ଟଙ୍କା

ଖଡ଼ିଆଳ,୧୭।୮(ଡି.ଏନ.ଏ.)

- କଲେଜ ଛାତ୍ର, ସ୍କୁଲ ଛାତ୍ରୀଙ୍କ ଆକାଉଣ୍ଟରେ ଜମା ହେଉଛି
- କୋଟି କୋଟି ଟଙ୍କାର ଦୁର୍ନୀତି ଅଭିଯୋଗ
- ପ୍ରହସନ ପାଲଟିଛି ଏମ୍‌ଜିଏନ୍‌ଆର୍‌ଇଜିଏସ୍



ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ଦାବ୍ରି ଗ୍ରାମପଞ୍ଚାୟତ ଅନ୍ତର୍ଗତ ଭୈରାଜପୁର ଗ୍ରାମରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ୨୦୨୧-୨୨ ଆର୍ଥିକ ବର୍ଷରେ କୋଟି କୋଟି ଟଙ୍କାର ଅନେକ ଉନ୍ନତିମୂଳକ କାର୍ଯ୍ୟ କରାଯାଇଛି। ଏହି ସବୁ କାର୍ଯ୍ୟରେ ନିଯୁକ୍ତ ଶ୍ରମିକମାନଙ୍କୁ ବର୍ଷ ବର୍ଷ ବିତିଯାଇଥିଲେ ମଧ୍ୟ ପାରିଶ୍ରମିକ ମିଳି ନାହିଁ। ଏ ନେଇ ଶ୍ରମିକମାନେ ଗାଁସାଥି, ଗ୍ରାମ ରୋଜଗାର ସେବକଙ୍କଠାରୁ ଉପରିସ୍ଥ ଅଧିକାରୀଙ୍କୁ ଅନେକ ଥର ଜଣାଇଛନ୍ତି। କିନ୍ତୁ କେହି କର୍ଣ୍ଣପାତ କରୁ ନ ଥିବା ଶ୍ରମିକମାନେ ଅଭିଯୋଗ କରିଛନ୍ତି। ଏପରି କି କାମ କରିଥିବା ଶ୍ରମିକମାନଙ୍କ ଆକାଉଣ୍ଟରେ ଟଙ୍କା ଜମା ହୋଇ ନ ଥିବା ବେଳେ ସହରରେ ରହି ପାଠପଢୁଥିବା କଲେଜ ଛାତ୍ର, ସ୍କୁଲରେ ପଢୁଥିବା ଛାତ୍ରୀଙ୍କ ଆକାଉଣ୍ଟରେ ଟଙ୍କା ଜମା ହୋଇଥିବା ଜଣାପଡିଛି। ଏହା ଦ୍ୱାରା ପ୍ରକୃତ ଶ୍ରମିକମାନେ ଠକାମୀର ଶିକାର ହେଉଛନ୍ତି। ଏହି ଘଟଣା ନେଇ ଶ୍ରମିକମାନେ ବିଡ଼ିଓ ନାରାୟଣ ସାହୁଙ୍କଠାରୁ ଆରମ୍ଭ କରି ଜିଲାପାଳଙ୍କୁ ମଧ ଭେଟି ଅଭିଯୋଗ କରିଥିଲେ। ଏହି ଦୁର୍ନୀତିରେ ଯନ୍ତ୍ରୀଙ୍କଠାରୁ ଆରମ୍ଭ କରି ଉପରିସ୍ଥ ଅଧିକାରୀ ମିଶି ଶ୍ରମିକମାନଙ୍କ ଟଙ୍କା ହଡପ କରିଥିବା ଅଭିଯୋଗ ହେଉଛି। ଏହି ଘଟଣାରେ ଏକ ଜିଲାସ୍ତରୀୟ ତଦନ୍ତକାରୀ ଦଳ ଗାଁକୁ ଯାଇ ତଦନ୍ତ କରିଛନ୍ତି। ହେଲେ ବର୍ତ୍ତମାନ ପର୍ଯ୍ୟନ୍ତ ଦୋଷୀ ଅଧିକାରୀଙ୍କ ବିରୋଧରେ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ। ଶୀଘ୍ର ଦୋଷୀ ଅଧିକାରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ଗ୍ରାମବାସୀ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛନ୍ତି। ଉକ୍ତ ଯୋଜନାରେ ଗ୍ରାମର ପୋଖରୀ ଉନ୍ନତିକରଣ, ରାସ୍ତା ଉନ୍ନତିକରଣ, ସକପିଟ ନିର୍ମାଣ, ଜମି ମରାମତି ଆଦି କାର୍ଯ୍ୟରେ ଶ୍ରମିକମାନଙ୍କ ପାରିଶ୍ରମିକ ବାବଦକୁ ଲକ୍ଷ ଲକ୍ଷ ଟଙ୍କା ହେରଫେର ଘଟଣାର ଏକ ଉଚ୍ଚସ୍ତରୀୟ ତଦନ୍ତ କରି ସମ୍ପୃକ୍ତ ଅଧିକାରୀ ଓ କର୍ମଚାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଶ୍ରମିକଙ୍କ ସହ ଗ୍ରାମବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ବିଡ଼ିଓଙ୍କୁ ପଚାରିବାରୁ ଏହି ଘଟଣା ସମ୍ପର୍କରେ ଜିଲା ପ୍ରଶାସନ ଅବଗତ ଅଛନ୍ତି ଏବଂ ଏହାର ତଦନ୍ତ ଚାଲିଛି। ତଦନ୍ତ ପରେ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ ।

### ଲଘୁଚାପ ବର୍ଷାରେ ବ୍ୟାପକ କ୍ଷୟକ୍ଷତି

ପଲମ,(ଡି.ଏନ.ଏ.): କଳାହାଣ୍ଡି ଜିଲା ନର୍ଲା ବ୍ଲକ୍ ଅଧୀନ ଟକର୍ଲା ପଞ୍ଚାୟତସ୍ଥିତ ଆଲିମ ଗ୍ରାମରେ ଲଘୁଚାପ ବର୍ଷାରେ ବ୍ୟାପକ କ୍ଷୟକ୍ଷତି ହୋଇଥିବା ଜଣାପଡ଼ିଛି। ଆଲିମ ଗ୍ରାମରେ ୫ଜଣ, ସୁଡିଙ୍ଗପଦର ୫ଜଣ, ରାଏଧୁନିପଦର ୭ଜଣ, ରେଦାବାହାଲି ୨ଜଣ, ପଲମ ଗ୍ରାମର ୫ଜଣ ଓ ମହଗାଁ ୨ଜଣଙ୍କ ଘର ଭୁଶୁଡ଼ି ଯାଇଛି। ଏ ନେଇ ସେମାନେ ପଲମ ରାଜସ୍ୱ ନିରୀକ୍ଷକ ବଗର୍ତ୍ତାଙ୍କୁ ଲିଖିତ ଆବେଦନ କରିଥିଲେ। ଆରଆଇ ଗ୍ରାମକୁ ଯାଇ ତଦନ୍ତ କରିଥିଲେ। କ୍ଷତି ହୋଇଥିବା ବ୍ୟକ୍ତିମାନଙ୍କୁ ସରକାରୀ ସହଯୋଗ ଯୋଗାଇ ଦିଆଯିବ ବୋଲି ଆରଆଇ ପ୍ରତିଶ୍ରୁତି ଦେଇଥିଲେ।

## ସଂକ୍ଷେପରେ

### ଗାଡ଼ି ଧକ୍କାରେ ମାଙ୍କଡ଼ ମୃତ



ନୂଆପଡ଼ା ଅଫିସ,୧୭।୮: ନୂଆପଡା ଜିଲା କୋମନା ବ୍ଲକ ପୁରୁଣା ବ୍ଲକ ଛକ ନିକଟରେ ଅଜଣା ଗାଡି ଧକ୍କାରେ ଏକ ମାଙ୍କଡର ମୃତ୍ୟୁ ଘଟିଛି। ବୁଧବାର ଅପରାହ୍ନରେ ମାଙ୍କଡ ଦଳ ଖାଦ୍ୟ ଅନ୍ବେଷଣ ପାଇଁ କଲେଜ ଛକପଟୁ ସୁନ୍ଦର ନଦୀ ପଟେ ୩୫୩ ନମ୍ବର ଜାତୀୟ ରାଜପଥ ପାର ହେଉଥିଲେ। ଏହି ସମୟରେ ଏକ ଅଜଣା ଗାଡି ଧକ୍କା ଦେବା ଫଳରେ ମାଙ୍କଡ ଘଟଣା ସ୍ଥଳରେ ମୃତ୍ୟୁ ଘଟିଥିଲା। ମାଙ୍କଡ ଜାତୀୟ ରାଜପଥ ଉପରେ ମରି ପଡିରହିଥିଲା। ସାଥି ମାଙ୍କଡମାନେ ଆସି ତାଙ୍କୁ ଉଠାଇ ନେବାକୁ ବହୁ ଚେଷ୍ଟା କରୁଥିଲେ ମଧ୍ୟ ନେଇ ପାରି ନ ଥିଲେ। ପାଖରେ ଜଗି ବସି ରହିଥିଲେ। ଏପରି ଦୁଖଦ କାହାଣୀ କୋମନା ଠାରେ ଦେଖିବାକୁ ମିଳିଛି।

### ପୋଖରୀରେ ବୁଡ଼ି ଯୁବକ ମୃତ

ଖଡ଼ିଆଳ,୧୭।୮(ଡି.ଏନ.ଏ.): ନୂଆପଡା ଜିଲା ଖଡ଼ିଆଳ ଥାନା ଅନ୍ତର୍ଗତ ରାଣୀପୁର ଗ୍ରାମ ପୋଖରୀରେ ବୁଡି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ପବିତ୍ର ତେଜି (୩୮)। ମଙ୍ଗଳବାର ସନ୍ଧ୍ୟାରେ ପବିତ୍ର ଗ୍ରାମର ପୋଖରୀରେ ମାଛ ଯାଆଁଳା ପକାଉ ଥିବାବେଳେ ବୁଡି ଯାଇଥିଲେ। ଗ୍ରାମବାସୀ ଉଦ୍ଧାର କରି ଖଡ଼ିଆଳ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲା। ଏ ନେଇ ମୃତକଙ୍କ ବାପା ଥାନାରେ ଅଭିଯୋଗ କରିଥିଲେ। ମୃତଙ୍କ ସ୍ତ୍ରୀ ଓ ୨ ନାବାଳକ ପୁଅଝିଅ ଅଛନ୍ତି। ବୁଧବାର ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### ଅଙ୍ଗନୱାଡ଼ି କେନ୍ଦ୍ରରେ ଉଡ଼ିଲାନାହିଁ ତ୍ରିରଙ୍ଗା

କୋକସରା,୧୭।୮(ଡି.ଏନ.ଏ.): ସ୍ୱାଧୀନତା ଦିବସରେ ସବୁଠି ଜାତୀୟ ପତକା ଉତ୍ତୋଳନ କରାଯାଇଥିବା ବେଳେ କଳାହାଣ୍ଡି ଜିଲା କୋକସରା ବ୍ଲକ ମହିମା ପଞ୍ଚାୟତ ତେନ୍ତୁଳିପଡା ଅଙ୍ଗନୱାଡି କେନ୍ଦ୍ରରେ ପାଳନ କରାଯାଇନାହିଁ। ଏହାକୁ ନେଇ ସ୍ଥାନୀୟ ଅଭିଭାବକ ଓ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସ୍ୱାଧୀନତା ଦିବସରେ କୋମଳମତି ପିଲାମାନେ ସକାଳୁ ଘରୁ ସଜବାଜ ହୋଇ କେନ୍ଦ୍ରରେ ପହଞ୍ଚିଥିଲେ। ହେଲେ ଦୀର୍ଘ ସମୟ ଧରି ଅପେକ୍ଷା କରିବା ପରେ ମଧ ଅଙ୍ଗନୱାଡି କର୍ମୀ କେନ୍ଦ୍ରକୁ ଆସି ନ ଥିଲେ। ଯାହାକୁ ନେଇ କେନ୍ଦ୍ରରେ ପଢୁଥିବା ପିଲାମାନେ ବାପା ମା'ଙ୍କୁ ଜଣାଇବା ପରେ ଅଭିଭାବକ ଓ ଗ୍ରାମବାସୀ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ୱାର୍ଡମେମ୍ବର ଗୀତା ଭରତିଆ, ମଙ୍ଗରାଜ ଭକ୍ତ, ସନାତନ ସୁନାନି, ଯୁଗେଶ୍ୱର ବାଣୁଆ, ଇନ୍ଦୁରେଖା ଭକ୍ତ, କ୍ଷିତିସୁତା ମେହେର, ଜୟନ୍ତି ବାଣୁଆ ଅଭିଯୋଗ କରିଛନ୍ତି। ଏ ନେଇ ଭାରପ୍ରାପ୍ତ ଦାୟିତ୍ୱରେ ସିଡିପିଓ ସରୋଜା ଦେବୀଙ୍କ ପ୍ରତିକ୍ରିୟା ନେବାରୁ ସ୍ୱାଧୀନତା ଦିବସ ଦିନ ପ୍ରବଳ ବର୍ଷା ଓ ଅଙ୍ଗନୱାଡି କର୍ମୀଙ୍କ ପୁଅର ଜ୍ୱର ହେଉଥିବାରୁ ସେ ଯାଇପାରି ନ ଥିଲେ, ତାଙ୍କୁ ତାଗିଦ କରାଯାଇଛି ବୋଲି କହିଛନ୍ତି।

# ଫସଲ ବୀମା କ୍ଷତିପୂରଣ ଦିଅ

ବଲାଙ୍ଗୀର ଅଫିସ,୧୭।୮

ବଲାଙ୍ଗୀର ଜିଲାର ଫସଲ ବୀମା ଦୁର୍ନୀତି ପ୍ରତିବାଦରେ ବୁଧବାର ଶତାଧିକ ଚାଷୀ ଓ କଂଗ୍ରେସ କର୍ମୀ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। କଣ୍ଟାବାଞ୍ଜି ବିଧାୟକ ସନ୍ତୋଷ ସିଂ ସାଲୁଜାଙ୍କ ନେତୃତ୍ୱରେ କଣ୍ଟାବାଞ୍ଜି ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ତୁରେକେଲା, ବଙ୍ଗୋମୁଣ୍ଡା ଏବଂ ମୁରିବାହାଲ ବ୍ଲକର ଚାଷୀଙ୍କ ସହ ଜିଲାର ବିଭିନ୍ନ ଅଞ୍ଚଳରୁ ଆସିଥିବା କଂଗ୍ରେସ କର୍ମୀ ଓ ନେତା ସାମିଲ ହୋଇଥିଲେ। ବିକ୍ଷୋଭ ପୂର୍ବରୁ ସେମାନେ ସ୍ଥାନୀୟ ଯାଦବ ଭବନଠାରୁ ଏକ ଶୋଭାଯାତ୍ରାରେ ବାହାରି ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖକୁ ଆସିଥିଲେ।

ସେଠାରେ ଅନୁଷ୍ଠିତ ବିକ୍ଷୋଭ ସମାବେଶରେ ବିଧାୟକ ସାଲୁଜା କହିଥିଲେ ଯେ, ବଲାଙ୍ଗୀର ଜିଲାରେ ୨୦୨୧ ମସିହାରେ ମରୁଡି ହୋଇଥିଲା। ଜିଲାର ୩୧୭ ପଞ୍ଚାୟତର ଅଧିକାଂଶ ସ୍ଥାନରେ ୩୦ରୁ ୯୦ ଭାଗ ଫସଲହାନୀ ହୋଇଥିଲା। ବହୁ ଚାଷୀ ୨୦୨୧ ବର୍ଷରେ ଫସଲ ବୀମା କରିଥିଲେ। କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀର ପ୍ରାୟ ୩୦ ହଜାର ଚାଷୀ ଠିକ୍ ସମୟରେ ହେକ୍ଟର ପିଛା ୧୬୪୦ ଟଙ୍କା ଦେଇ ସମୁଦାୟ ୭ କୋଟି ୧୭ ଲକ୍ଷ ୯୦ ହଜାର ଟଙ୍କାର ବୀମା ପ୍ରିମିୟମ ପଇଠ କରିଥିଲେ। ତେବେ କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀର ୬୭ ପଞ୍ଚାୟତକୁ ଏଯାବତ୍ ବୀମା କ୍ଷତିପୂରଣ ମିଳିନାହିଁ। ସରକାର ଜିଲାର ୩୧୭ ପଞ୍ଚାୟତ ମଧ୍ୟରୁ ମାତ୍ର ୧୦୫ ପଞ୍ଚାୟତକୁ ମରୁଡି ବୀମା କ୍ଷତିପୂରଣ ଘୋଷଣା କରିଥିଲେ। ତେବେ ବୀମା କ୍ଷତିପୂରଣ ଘୋଷଣାରେ ଘୋର ବିସଙ୍ଗତି ରହିଛି। ପ୍ରିମିୟମ ବୁଝାଇଥିବା ୩୦ ହଜାର ଚାଷୀଙ୍କ ମଧ୍ୟରୁ ୧ ହଜାରୁ କମ ଚାଷୀଙ୍କୁ ଫସଲ ବୀମା କ୍ଷତିପୂରଣ ଟଙ୍କା ଦିଆଯାଇଛି। ଏହାର ପ୍ରତିବାଦରେ କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀର ଚାଷୀ ଏବଂ ଜିଲା କଂଗ୍ରେସ କମିଟି ପ୍ରତିବାଦ ଜଣାଇବା ସହ ଚାଷୀଙ୍କୁ ନ୍ୟାୟ ଦାବିରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଉଛି ବୋଲି ବିଧାୟକ ସାଲୁଜା କହିଥିଲେ। ଫସଲ ବୀମା ବାବଦରେ ଜିଲାରେ ୨ ଶହ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ଦୁର୍ନୀତି ହୋଇଥିବା ଏବଂ ସେଥିରୁ ବୀମା କମ୍ପାନୀ କର୍ମଚାରୀ, ଦଲାଲ ଏବଂ ଅଫିସର ୪୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଆତ୍ମସାତ କରିଥିବା ସେ କହିଥିଲେ। କେନ୍ଦ୍ର ସରକାର ତୁରନ୍ତ ଚାଷୀଙ୍କୁ ସେମାନଙ୍କ ନାର୍ଯ୍ୟ ଫସଲ ବୀମା କ୍ଷତିପୂରଣ ଟଙ୍କା ପ୍ରଦାନ କରିବାକୁ ସେ ଦାବି କରିଥିଲେ। ରାଜ୍ୟ ସରକାର ଠିକ୍ ସମୟରେ ରିପୋର୍ଟ ପ୍ରଦାନ କରି ନ ଥିବା ସେ ଅଭିଯୋଗ କରିଥିଲେ। ଯଥାଶୀଘ୍ର ଜିଲାର ସମସ୍ତ ୩୧୭ପଞ୍ଚାୟତର ସମସ୍ତ ବୀମାଭୁକ୍ତ ଚାଷୀଙ୍କୁ ଫସଲ ବୀମା କ୍ଷତିପୂରଣ ପ୍ରଦାନ କରିବାକୁ ଦାବି କରିଥିଲେ। ବିକ୍ଷୋଭ ପ୍ରଦର୍ଶନ ପରେ ଜିଲାପାଳ ଅଫିସକୁ ଯାଇ ଜିଲାପାଳ ଚଞ୍ଚଳ ରାଣାଙ୍କୁ ଭେଟି ୪ ଦଫା ଦାବିପତ୍ର ପ୍ରଦାନ କରିଥିଲେ। ଜିଲାପାଳ ରାଣା ଫସଲ ବୀମା କ୍ଷତିପୂରଣ ପ୍ରଦାନ ଦିଗରେ ଚାଷୀଙ୍କ ଦାବିକୁ ସରକାରଙ୍କୁ ଅବଗତ କରିବେ ବୋଲି କହିଥିଲେ। ଏହି ଅବସରରେ ସେ ଗଣମାଧ୍ୟମକୁ ଜିଲାର ୧୦୫ଟି ପଞ୍ଚାୟତର ଚାଷୀଙ୍କ ମରୁଡି ପ୍ରିମିୟମ ସମ୍ପର୍କରେ ସୂଚନା ଦେଇଥିଲେ। ବିକ୍ଷୋଭ କାର୍ଯ୍ୟକ୍ରମରେ ଜିଲା କଂଗ୍ରେସ ସଭାପତି ଦିଲ୍ଲୀପ କୁମାର ବେହେରା, କଣ୍ଟାବାଞ୍ଜି ନଗରପାଳ ବରିୟମ ସିଂ ସାଲୁଜା, କଂଗ୍ରେସ ନେତା ବୁଲୁ ଦାନୀ, ବିଧୁଭୂଷଣ ତ୍ରିପାଠୀ, ମନୀଷ ମିଶ୍ର, ସନ୍ତକ ବହିଦାର, ସାନନ୍ଦ ମିଶ୍ର, ବାଳକୃଷ୍ଣ ସେଲମା, ଗୁରୁଚରଣ ବେହେରା, ପ୍ରଫୁଲ୍ଲ ବଘାର ଓ ଅନ୍ୟମାନେ ଉପସ୍ଥିତ ଥିଲେ।



ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିଧାୟକ ସନ୍ତୋଷ ସିଂ ସାଲୁଜାଙ୍କ ନେତୃତ୍ୱରେ ଚାଷୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

**ଜିଲାପାଳ ଅଫିସ ସମ୍ମୁଖରେ ବିକ୍ଷୋଭ**

- ୨୦୦ କୋଟିର ଦୁର୍ନୀତି ଯୋଗୁଁ ଚାଷୀଙ୍କୁ ହକ୍ ମିଳୁନି
- ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୪ ଦଫା ଦାବିପତ୍ର ପ୍ରଦାନ
- ଚାଷୀଙ୍କ ସହ ସାମିଲ ହେଲେ କଂଗ୍ରେସ କର୍ମୀ, ନେତା

### ଜଳ ସଂରକ୍ଷଣ ନେଇ ଶପଥ ପାଠ

ଖପ୍ରାଖୋଲ, ୧୭।୮(ଡି.ଏନ.ଏ.)

ସଂପ୍ରତି ଜଳ ସଂରକ୍ଷଣ ଏକ ଆହ୍ୱାନ ସୃଷ୍ଟି କରିଛି। ଏଥିପାଇଁ ସବୁସ୍ତରରେ ଉଦ୍ୟମ ହେବା ଆବଶ୍ୟକ। ବଲାଙ୍ଗୀର ଜିଲା ଖପ୍ରାଖୋଲରେ ଅନୁଷ୍ଠିତ ସ୍ୱାଧୀନତା ଦିବସ ସମାରୋହରେ ଏହି ମତପ୍ରକାଶ ପାଇଛି। ସ୍ଥାନୀୟ ଆମୃତ ସରୋବର କୂଳରେ ଅନୁଷ୍ଠିତ ସାଧୀନତା ଦିବସ ପାଳନ ସମାରୋହରେ ସ୍ଥାନୀୟ ସରପଞ୍ଚ ବେଟିଖାଇ ସେଦ୍ରିଆ ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ବରିଷ୍ଠ ନାଗରିକ ଚୂଡ଼ାମଣି ଭୋଇ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସମ୍ମାନିତ ଅତିଥିଭାବେ ପଞ୍ଚାୟତ ସମିତି ଅଧକ୍ଷା ନିରୂପମା ପଟେଲ, ବିଡ଼ିଓ ଭୀମସେନ କହଁର ଯୋଗଦେଇଥିଲେ। ଅତିଥିମାନେ ଆଜାଦି କା ଅମୃତ ମହୋତ୍ସବ ସମ୍ପର୍କରେ କହିବା ସହିତ ଜଳ ସଂରକ୍ଷଣ ଉପରେ ଉପସ୍ଥିତ ଜନସାଧାରଣଙ୍କୁ ଶପଥ ପାଠ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସହକାରୀ ନିର୍ବାହୀ ଯନ୍ତ୍ରୀ ସୌମ୍ୟ କିଶୋର ଜୟପୁରିଆ, କନିଷ୍ଠ ଯନ୍ତ୍ରୀ ରାଜକିଶୋର ନାଏକ,ଜିପିଇଓ ସୁଶାନ୍ତ ପାଣି, ପିଏ ଅଶୋକ ପାଣିଗ୍ରାହୀ, ସେକ୍ସନ ଅଧିକାରୀ ବ୍ରଜବନ୍ଧୁ ଠାକୁର, ସତ୍ୟାନନ୍ଦ ସେଦ୍ରିଆ, ଏପିଓ ପ୍ରଶାନ୍ତ କୁମାର ପ୍ରଧା ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଅଭୟ ତ୍ରିପାଠୀ ପରିଚାଳନା କରିଥିଲେ। ବ୍ଲକ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷା ନିରୂପମା ପଟେଲ ଜାତୀୟ ପତାକା ଉତ୍ତୋଳନ କରିଥିଲେ।

## ଉପଜିଲାପାଳଙ୍କ ହସ୍ତକ୍ଷେପ, ଖୋଲିଲା ୫-ଟି ସ୍କୁଲ


ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟ ଭିତରକୁ ଯିବାକୁ କହୁଛନ୍ତି ଉପଜିଲାପାଳ।

ଟିଟିଲାଗଡ଼, ୧୭।୮ (ଡି.ଏନ.ଏ.)

ବଲାଙ୍ଗୀର ଜିଲା ଟିଟିଲାଗଡ ବ୍ଲକ ସିଲୁଆଁ ଉନ୍ନିତ ଉଚ୍ଚ ବିଦ୍ୟାଳୟରେ ମଙ୍ଗଳବାର ସ୍ୱାଧୀନତା ଦିବସରେ ୭ଶିକ୍ଷକଙ୍କ ମଧ୍ୟରୁ କେବେଳ ୨ଜଣ ଆସିଥିଲେ। ଏହାକୁ ନେଇ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରି ସ୍କୁଲରେ ତାଲା ପକାଇଥିଲେ। ବୁଧବାର ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷାଦାନ ହେଉଥିବା କୋଠା ଏବଂ ନବମ ଏବଂ ଦଶମ ଶ୍ରେଣୀ ଶିକ୍ଷାଦାନ ହେଉଥିବା ନୂତନ କୋଠାକୁ ମଧ ତାଲା ପକାଇ ଦିଆଯାଇଥିଲା। ଛାତ୍ରୀଛାତ୍ରଙ୍କ ସମେତ ବ୍ଲକ ଉପାଧକ୍ଷ ଜଗତରାମ ରଣା, ସରପଞ୍ଚ ହରିହର କଟା, ରମେଶ ରଣା, ଅନ୍ତସିଂ ରଣା, ମିସ୍ତ୍ରୀ ଚନ୍ଦନ, ବିଭୁତି ରଣା, ଅଲେଖ ମହାନନ୍ଦ, ଜାଭେଦ ପରାଭୋଇ, ଭାଗିରଥି ମାଝି, ଯୁଗୀ କଟା ପ୍ରମୁଖଙ୍କ ସହ ଗ୍ରାମବାସୀ ଗେଟ ସମ୍ମୁଖରେ ଧାରଣା ଦେଇଥିଲେ। ଅପରାହ୍ନ ୨ଟାରେ ଉପଜିଲାପାଳ ମନୋଜ ସତ୍ୟୱାନ ମହାଜନ ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାଶୁଝା ସହ ବିଦ୍ୟାଳୟ କୋଠା ଦୁଇଟିର ତାଲା ଖୋଲାଇବା ପରେ ଶିକ୍ଷାଦାନ ଆରମ୍ଭ ହୋଇଥିଲା। ଏନେଇ ପ୍ରଧାନଶିକ୍ଷକଙ୍କ କୋଠରିରେ ସରପଞ୍ଚ ଏବଂ ପ୍ରଧାନଶିକ୍ଷକ ଜୟଦେବ ନାଏକଙ୍କ ସହ ଦୀର୍ଘ ସମୟ ଧରି ଉପଜିଲାପାଳ ଆଲୋଚନା କରିଥିଲେ। ପରେ ଶିକ୍ଷକଙ୍କ ଛୁଟି ଦରଖାସ୍ତ ଏବଂ ଶିକ୍ଷକଙ୍କ ଉପସ୍ଥାନ ପୁସ୍ତିକା ଆଦି ଜବତ କରି ସାଙ୍ଗରେ ନେଇଯାଇଥିଲେ।

୨୦୦୮ରୁ ବିଦ୍ୟାଳୟ ଅଷ୍ଟମରୁ ଦଶମ ଶ୍ରେଣୀକୁ ଉତ୍ତୀର୍ଣ୍ଣ ହୋଇଛି। ବିଦ୍ୟାଳୟକୁ ସରକାରଙ୍କ ୫-ଟି ରୂପାନ୍ତରୀଣ ସ୍କୁଲରେ ସାମିଲ କରାଯାଇଛି। ହେଲେ ନବମ ଏବଂ ଦଶମ ଶ୍ରେଣୀ ପାଇଁ ଆବଶ୍ୟକ ଗଣିତ, ଇଂଲିଶ, ସଂସ୍କୃତ ଶିକ୍ଷକ ନଥିବା ଗ୍ରାମବାସୀ ଅଭିଯୋଗ କରିଥିଲେ। କେତେକ ଶିକ୍ଷକ ବିଦ୍ୟାଳୟକୁ ନିୟମିତ ଆସୁ ନ ଥିବା, ଅଭିଯୋଗ ହୋଇଥିଲା। ଉପଜିଲାପାଳ ଛାତ୍ରୀଛାତ୍ରଙ୍କ ସହ ଏନେଇ କଥା ହୋଇଥିଲେ। ପରେ ବ୍ଲକ ଶିକ୍ଷା ଅଧିକାରୀ ପ୍ରବୀର ପଣ୍ଡା, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଅଭିରାମ ମାଝି ଗ୍ରାମରେ ପହଞ୍ଚି ଗ୍ରାମବାସୀଙ୍କ ସହ ଆଲୋଚନା କରିଛନ୍ତି।

**ଶିକ୍ଷକଙ୍କ ଉପସ୍ଥାନ ରେଜିଷ୍ଟାର ଜବତ**

### ବ୍ୟାପକ ପୋଚ, ମଦ ରନ୍ଧା ସାମଗ୍ରୀ ନଷ୍ଟ

**ଅବକାରୀ ବିଭାଗର ୨ ସ୍ଥାନରେ ଚଢ଼ାଉ**

କୋକସରା,୧୭।୮(ଡି.ଏନ.ଏ.)

କଳାହାଣ୍ଡି ଅବକାରୀ ଅଧୀକ୍ଷକଙ୍କ ନିର୍ଦ୍ଦେଶକ୍ରମେ ବୁଧବାର ଧର୍ମଗଡ଼ ଓ ଜୟପାଟଣା ଅବକାରୀ ବିଭାଗ କୋକସରା ଥାନା କାଉଡୋଳା ଡଙ୍ଗର ଓ ଆମପାଣି ଥାନା କାଦୋମଲି ଜଙ୍ଗଲ ଅଞ୍ଚଳରେ ଚଢ଼ାଉ କରିଛି। ସେଠାରେ ବ୍ୟାପକ ମହୁଲ ପୋଚ ଓ ଦେଶୀମଦ ରନ୍ଧାରେ ବ୍ୟବହୃତ ସାମଗ୍ରୀ ନଷ୍ଟ କରାଯାଇଛି। କାଉଡୋଳା ଓ ଚାବରୁପଡା ଗାଁ ମଝି ଗିରିଗୋବର୍ଦ୍ଧନ ଡଙ୍ଗରି ଓ ସାହାଜଖୋଲ ଜଙ୍ଗଲ ନିକଟବର୍ତ୍ତୀ କାଦୋମଲି ଗ୍ରାମ ନିକଟରେ ବେଆଇନ ଭାବେ ହାତରନ୍ଧା ଦେଶୀ ମଦ ପ୍ରସ୍ତୁତ ହେଉଥିଲା। ଖବର ପାଇ ଧର୍ମଗଡ ଓ ଜୟପାଟଣା ଅବକାରୀ ବିଭାଗ ମିଳିତ ଉଦ୍ୟମରେ ଚଢାଉ କରି ବେଆଇନ ଭାବେ ମଦ ତିଆରି କରୁଥିବା ବିଭିନ୍ନ ପ୍ରକାର ସାମଗ୍ରୀ ଜବତ କରିବା ସହ କାଉଡୋଳା ଡଙ୍ଗରି ନିକଟରୁ ୧୨ ଶହ ଲିଟର ଓ କାଦୋମଲି ଜଙ୍ଗଲ ନିକଟରୁ ୩୨ ଶହ ଲିଟର ମହୁଲ ପୋଚ ଓ ମଦ ରନ୍ଧା ସାମଗ୍ରୀ ନଷ୍ଟ କରାଯାଇଛି। ମଦ ପ୍ରସ୍ତୁତକାରୀମାନେ ଫେରାର ହୋଇଥିବା ଜଣାପଡିଛି। ଅବକାରୀ ବିଭାଗ ବେଇଆନ ଭାବେ ପ୍ରସ୍ତୁତ ହାତରନ୍ଧା ଦେଶୀମଦ ବନ୍ଦ ପାଇଁ ଦାବି ହେଉଛି।

### ଆଦର୍ଶ ବିଦ୍ୟାଳୟରେ ରକ୍ତଦାନ ଶିବିର

ମୁରିବାହାଲ, ୧୭।୮(ଡି.ଏନ.ଏ.)

ବଲାଙ୍ଗୀର ଜିଲା ମୁରିବାହାଲ ଆଦର୍ଶ ବିଦ୍ୟାଳୟରେ ବୁଧବାର ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ୨୬ଜଣ ସ୍ୱେଚ୍ଛାସେବୀ ରକ୍ତଦାନ କରିଥିଲେ। ଏହି ପରିପେକ୍ଷୀରେ ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର, ପରିଚାଳନା କମିଟି ସଦସ୍ୟ ଓ ସ୍ୱେଚ୍ଛାସେବୀଙ୍କୁ ନେଇ ଏକ ସଚେତନା ସଭା ଅନୁଷ୍ଠିତ ହୋଇଥିଲା। ଅଧକ୍ଷ ପିତମ୍ବର ବେସ୍ରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଏମ୍‌ପିଙ୍କ ବ୍ଲକ ପ୍ରତିନିଧି ଶ୍ରୀବତ୍ସ ବେହେରା ମୁଖ୍ୟ ଅତିଥିଭାବେ ଯୋଗଦେଇ ରକ୍ତଦାନ ଶିବିରକୁ ଉଦ୍‌ଘାଟନ କରିଥିଲେ। ସମ୍ମାନୀତ ଅତିଥିଭାବେ ଡିଗ୍ରୀ ମହାବିଦ୍ୟାଳୟ ଅଧକ୍ଷ ସରୋଜ କୁମାର ନାୟକ, ମୁରିବାହାଲ ପଞ୍ଚାୟତ ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ରଶ୍ମିଲତା ପାତ୍ର, ଜୁନିୟର ମହାବିଦ୍ୟାଳୟ ଓଡ଼ିଆ ଆଧାପକ ପ୍ରଫୁଲ୍ଲ କୁମାର ପଣ୍ଡା ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ସଂସ୍କୃତ ଶିକ୍ଷକ ଶିବଶଙ୍କର ସେଟ, ପରିଚାଳନା କରିଥିଲେ। ଅରକ୍ଷିତ ନାଗ ଧନ୍ୟବାଦ ଅର୍ପଣ କରିଥିଲେ।



ମୁରିବାହାଲ ଆଦର୍ଶ ବିଦ୍ୟାଳୟରେ ଜଣେ ରକ୍ତଦାତା ରକ୍ତଦାନ କରୁଛନ୍ତି।

### ହରିହର ନୋଡାଲ୍ ହାଇସ୍କୁଲ ପ୍ରତିଷ୍ଠା ଦିବସ

ଲୋଇସିଂହା,୧୭।୮(ଡି.ଏନ.ଏ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଯୋଗୀସର୍ଡା ନୋଡାଲ ହରିହର ହାଇସ୍କୁଲର ୫୬ତମ ପ୍ରତିଷ୍ଠା ଦିବସପାଳିତ ହୋଇଯାଇଛି। ପ୍ରଧାନଶିକ୍ଷକ ଅଶୋକ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ପରିଚାଳନା କମିଟି ସଭାପତି ସୁରେନ୍ଦ୍ର କୁମାର ସା ଏବଂ ଆଲୁମିନି କମିଟି ସଭାପତି ରଙ୍କ କୁମାର ପଣ୍ଡା ଅତିଥିଭାବେ ଯୋଗଦେଇଥିଲେ। ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ ପରେ ମହାତ୍ମା ଗାନ୍ଧୀ ଓ ବିଦ୍ୟାଳୟ ପ୍ରତିଷ୍ଠାତା ସ୍ୱର୍ଗତ ପଣ୍ଡିତ ବିଦ୍ୟାଧର ମିଶ୍ରଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଚଳିତ ମାଟ୍ରିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରୀ ଦେବସ୍ମିତା ଭୋଇଙ୍କ ସହ ଅନ୍ୟ ୯ଛାତ୍ରୀଛାତ୍ରଙ୍କୁ ବିଦ୍ୟାଳୟ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷକ କପିଳେଶ୍ୱର କୁମ୍ଭାର ସଭା ସଂଯୋଜନା କରିଥିଲେ।


ପ୍ରଧାନ ଶିକ୍ଷକ ଜଣେ କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରୁଛନ୍ତି।

## ବୀମା ସହାୟତାରୁ ଚାଷୀ ବଞ୍ଚିତ ପ୍ରସଙ୍ଗ ଉଠିଲା

ଲୋଇସଂହା,୧୭।୮(ଡି.ଏନ.ଏ)

ବଲାଙ୍ଗୀର ଜିଲା ଲୋଇସିଂହା ପଞ୍ଚାୟତ ସମିତିର ଦ୍ୱିତୀୟ ବୈଠକ ବୁଧବାର ବ୍ଲକ ସଭାଗୃହଠାରେ ଅନୁଷ୍ଠିତ ହୋଇଯାଇଛି। ଜିପିଓ କିଶୋର ମାନସିଂଙ୍କ ସଂଯୋଜନାରେ ଅନୁଷ୍ଠିତ ବୈଠକରେ ସମିତି ଅଧ୍ୟକ୍ଷ ଯତୀନ୍ଦ୍ର କୁମାର ପଟେଲ ଅଧ୍ୟକ୍ଷତା କରିଥିଲେ। ଭାରପ୍ରାପ୍ତ ବିଡିଓ ବିଜୟ କୁମାର ହୋତା ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଖୁବ୍‌ଶୀଘ୍ର ବ୍ଲକରେ ଜଣେ ସ୍ଥାୟୀ ବିଡିଓ ଯୋଗଦେବେ ବୋଲି ଏହି ଅବସରରେ ସଭ୍ୟାସଭ୍ୟଙ୍କୁ ଅବଗତ କରାଯାଇଥିଲା।

କୃଷି ବିଭାଗ ଉପରେ ଅନୁଷ୍ଠିତ ଆଲୋଚନାରେ ବ୍ଲକ କୃଷି ଅଧିକାରୀ ଉମାଶଙ୍କର ମିଶ୍ର କୃଷି ଯନ୍ତ୍ରପାତି ରିହାତି ଯୋଜନା ଉପରେ ଆଲୋକପାତ କରିଥିଲେ। ମାଗୁରବେଡା, ଗଡଶଙ୍କର ଡୁଙ୍ଗରିପାଲି, ରତାଖଣ୍ଡି ଓ ବାନିପାଲି ପଞ୍ଚାୟତରେ ଖାଲିଥିବା କୃଷକ ସାଥୀ ଚୟନ କରାଯିବ ବୋଲି ବୈଠକରେ ସୂଚନା ଦିଆଯାଇଥିଲା। ତେବେ କୃଷି କର୍ମଚାରୀ ଏବଂ କୃଷକ ସାଥୀମାନେ ଜନପ୍ରତିନିଧିଙ୍କୁ ଅଣଦେଖା କରୁଥିବା ନେଇ ସଭ୍ୟାସଭ୍ୟମାନେ ଉଦ୍‌ବେଗ ପ୍ରକାଶ କରିଥିଲେ। ଗତ ୨୦୨୧-୨୨ ବର୍ଷରେ ବ୍ଲକରେ ମରୁଡି ହୋଇଥିଲା। ତେବେ ବୀମା କରି ମଧ ବ୍ଲକର ଅନେକ ପଞ୍ଚାୟତ ବୀମା ସହାୟତା ପାଇବାରୁ ବଞ୍ଚିତ ହୋଇଥିବାରୁ ବୈଠକରେ ସଭ୍ୟମାନେ ଉଦ୍‌ବେଗ ପ୍ରକାଶ କରିଥିଲେ। ବ୍ଲକ ସହକାରୀ ଉଦ୍ୟାନ ଅଧିକାରୀ ସମ୍ବିଧାନ ଭୂଏ ୮ ହେକ୍ଟର ଆମ୍ବ ଚାରା ଲଗାଇବା ପାଇଁ ଟାର୍ଗେଟ ଆସିଥିବା ବେଳେ ହିତାଧିକାରୀ ଚୟନ ସରିଥିବା ସୂଚନା ଦେଇଥିଲେ। କିଚେନ ଗାର୍ଡେନ ପାଇଁ ବଣ୍ଟନ କରାଯାଇଥିବା ୧୩ ପ୍ରକାର ମଞ୍ଜି(ମିନିକିଟ୍) ଗଜା ହେଉ ନ ଥିବା ନେଇ ବୈଠକରେ ପ୍ରଶ୍ନ ଉଠିଥିଲା। ଏପରିକି ଉଦ୍ୟାନ ବିଭାଗର ମଞ୍ଜି ବିଭିନ୍ନ ଦୋକାନରେ ବିକ୍ରି ହେଉଥିବା ହୀରାପୁର ସରପଞ୍ଚ ରମାକାନ୍ତ ବିଶ୍ୱାଳ ଓ ଅନ୍ୟ କେତେଜଣ ଅଭିଯୋଗ କରିଥିଲେ। ନିକଟରେ ଜିଲାପାଳ ଉପରବାହାଲ ଗସ୍ତ ବେଳେ ସେଠାରେ ଏକ ଶୀତଳ ଭଣ୍ଡାର ସ୍ଥାପନ ନେଇ ପ୍ରସ୍ତାବ ଦେଇଥିବା ବିଡିଓ ହୋତା ସୂଚନା ଦେଇଥିଲେ। ପାନୀୟ ଜଳ ଯୋଗାଣ ଉପରେ ବିଭାଗୀୟ ଯନ୍ତ୍ରୀ ଦେବାଶିଷ ଦଲାଇ ଆଲୋଚନା କରି ବର୍ତ୍ତମାନ ନଳକୂପ ମରାମତି ସରଞ୍ଜାମଗୁଡିକ ମହଜୁଦ ଥିବା କହିଥିଲେ। ବୁର୍ଡା ପଞ୍ଚାୟତ ଅନ୍ତର୍ଗତ ବାଦିପାଲିକୁ ପାଇପ ଲାଇନ ବିଛାଯାଇଛି। ହେଲେ ବାରମ୍ବାର ଗୃହରେ ଜଳଯୋଗାଣ ଦାବି କରି ଆସୁଥିଲେ ମଧ୍ୟ ବିଭାଗୀୟ ଯନ୍ତ୍ରୀ କର୍ଣ୍ଣପାତ କରୁ ନ ଥିବା ସରପଞ୍ଚ ସୁଦୀପ ସା କହିଥିଲେ। ବକେୟା ବିଦ୍ୟୁତ୍ ବିଲ୍‌କୁ ନେଇ କେତେକ ପ୍ରକଳ୍ପର ସରବରାହ ବିଚ୍ଛିନ୍ନ ଯୋଗୁ ଜଳ ଯୋଗାଣ ବାଧାପ୍ରାପ୍ତ ହୋଇଥିବାରୁ ଜନ ପ୍ରତିନିଧିମାନେ ଅସନ୍ତୋଷବ୍ୟକ୍ତ କରିଥିଲେ। ୪ ଦିନ ହେଲା ମାଗୁରବେଡା ପାନୀୟ ଜଳ ପ୍ରକଳ୍ପକୁ ବିଦ୍ୟୁତ୍ ସରବରାହ ବନ୍ଦ ଥିବାରୁ ଚଳିତ ମାସ ବିଲ୍ ନଦେବାକୁ ସରପଞ୍ଚ ସଞ୍ଜୟ ଗଡତ୍ୟା କହିଥିଲେ। ବୈଠକରେ ବିଦ୍ୟୁତ୍ ବିଭାଗର କୌଣସି ଅଧିକାରୀ ଉପସ୍ଥିତ ନରହିବା ନେଇ ସଭ୍ୟମାନେ କ୍ଷୋଭ ପ୍ରକାଶ କରିଥିଲେ। ବୈଠକରେ ଶିକ୍ଷା, ଯୋଗାଣ, ସ୍ୱାସ୍ଥ୍ୟ, ଶିଶୁ ବିକାଶ ପ୍ରକଳ୍ପ ଉପରେ ଆଲୋଚନା ହୋଇଥିଲା।


ସମିତି ବୈଠକରେ ବିଡିଓ ବିଜୟ କୁମାର ହୋତା ବକ୍ତବ୍ୟ ରଖୁଛନ୍ତି।

**ଲୋଇସିଂହା ପଞ୍ଚାୟତ ସମିତି ବୈଠକ**

## ସଂକ୍ଷେପରେ

### ଆମ୍ବେଡକରଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ



ଲାଞ୍ଜିଗଡ,୧୭।୮(ଡି.ଏନ.ଏ.): କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ବିଶ୍ୱନାଥପୁରରେ ସ୍ୱାଧୀନତାର ଅମୃତ ମହୋତ୍ସବ ପାଳିବା ସହିତ ବିଶ୍ୱ ମାନବିକତାବାଦର ପ୍ରତିଷ୍ଠାତା ବିଶ୍ୱରତ୍ନ ବାବାସାହେବ ବି.ଆର୍. ଆମ୍ବେଡକରଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରାଜ୍ୟ ସଭା ସଦସ୍ୟ ସୁଜିତ କୁମାର, ବିଶିଷ୍ଟ ଅତିଥି ଭାବେ ଲାଞ୍ଜିଗଡ ବିଧାୟକ ପ୍ରଦୀପ କୁମାର ଦିଶାରୀ, ମୁଖ୍ୟବକ୍ତା ଭାବେ ଲାଞ୍ଜିଗଡ ତହସିଲଦାର ମୁନୀନ୍ଦ୍ର ହୋନ୍ନାଗା, ସମ୍ମାନିତ ବକ୍ତା ଭାବେ ଅଲ ଓଡିଶା ସିଡ୍ୟୁଲ୍ଡ କାଷ୍ଟ ଫେଡେରେଶନ ସଭାପତି ଧନଞ୍ଜୟ ଦୀପ, ସମ୍ପାଦକ ଶ୍ରୀବତ୍ସ ତାଣ୍ଡି, ସମ୍ମାନିତ ଅତିଥି ଭାବେ ବ୍ଲକ ଅଧକ୍ଷା କମଳା ପାତ୍ର, ଉପାଧକ୍ଷ ସଞ୍ଜୀବ କୁମାର ନାୟକ, ପୂର୍ବତନ ବିଧାୟକ ଶିବାଜୀ ମାଝି, ବିଧାୟକଙ୍କ ପ୍ରତିନିଧି ପ୍ରଦୀପ କୁମାର ଘଡେଇ, ଶ୍ରୀଧର ପେସନିଆ, ଜିଲା ପରିଷଦ ସଦସ୍ୟ ପରିକ୍ଷିତ ନାଏକ, ପୂର୍ବତନ ବ୍ଲକ ଅଧକ୍ଷ ମନୋହର ହରପାଲ, ବ୍ଲକ ବିଜେଡି ସଭାପତି ଗୋବିନ୍ଦ ପ୍ରଧାନୀ, ସରପଞ୍ଚ ସଂଘ ସଭାପତି ସାନ୍ଧୁ ମାଝି, ବିଶ୍ୱନାଥପୁର ସରପଞ୍ଚ ସୁରଥ ମାଝି, ସମିତିସଦସ୍ୟ ଅଜିତ ପ୍ରଧାନୀ, ଲାଞ୍ଜିଗଡ ସରପଞ୍ଚ ସରସ୍ୱତୀ ମୁଣ୍ଡା, ଆଦିବାସୀ ନେତା ଚାଞ୍ଚେର ମାଝି, ଯାଦବ ନେତା ରଘୁବୀର ନାଗ ପ୍ରମୁଖ ଯୋଗଦେଇଥିଲେ।

### ବିଶ୍ୱ ଆଦିବାସୀ ଦିବସ ପାଳିତ

ଖଡ଼ିଆଳ,୧୭।୮(ଡି.ଏନ.ଏ.): ନୂଆପଡା ଜିଲା ଖଡ଼ିଆଳ ବ୍ଲକ ଅନ୍ତର୍ଗତ ଗଡ୍ରାରାମୁଣ୍ଡା ପଞ୍ଚାୟତଠାରେ ଜିଲାସ୍ତରୀୟ ବିଶ୍ୱ ଆଦିବାସୀ ଦିବସ ପାଳିତ ହୋଇଯାଇଛି। ବ୍ଲକ ସଭାପତି କାର୍ତ୍ତିକେଶ୍ୱର ମଲ୍ଲିକଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଚିଫ ଇଞ୍ଜିନିୟରି ଗ୍ରାମ୍ୟ ଉନ୍ନୟନ ବିଭାଗ ଅର୍ଜୁନ ମୁଣ୍ଡା, ମୁଖ୍ୟବକ୍ତା ଆଦିବାସୀ ଜିଲା ସମ୍ପାଦକ ବାଳକୃଷ୍ଣ ଶବର, ସମ୍ମାନିତ ଅତିଥି ଅବସରପ୍ରାପ୍ତ ଏସିଏଫ ଜୟରାମ ଶବର, ଭାନୁପ୍ରତାପ ମାଝି, ଜିଲା ପରିଷଦ ସଦସ୍ୟା ନମିତା ମୁଣ୍ଡା, ହରିସିଂ ମାଝି, ହେମସଗାର ଚିନ୍ଦା, ଭାଗବତୀ ମୁଣ୍ଡା, ସୁରେଖା ଶବର ପ୍ରମୁଖ ମଞ୍ଚାସୀନ ଥିଲେ। ଆଦିବାସୀମାନଙ୍କ ଉନ୍ନତି ପାଇଁ ସରକାର କେତେ ଯୋଜନା କରିଛନ୍ତି, କିନ୍ତୁ ସେମାନଙ୍କ କୌଣସି ଉନ୍ନତି ହେଉନାହିଁ ବରଂ ସବୁ କ୍ଷେତ୍ରରେ ଶୋଷଣର ଶିକାର ହେଉଛନ୍ତି ବୋଲି ଅତିଥିମାନେ କହିଥିଲେ। ଏହି ଅବସରରେ ନେହେନା ଆଶ୍ରମ ବିଦ୍ୟାଳୟରେ ପ୍ରଥମ ଶ୍ରେଣୀର ଛାତ୍ରୀ ଗତ ୩ ତାରିଖରେ ଚିକିତ୍ସାରେ ଅବହେଳା ଯୋଗୁ ମୃତ୍ୟୁ ହୋଇଥିଲା। ଏହାର ଉଚିତ ତଦନ୍ତ କରି ତାଙ୍କ ପରିବାରକୁ ସହାୟତା ଯୋଗାଇ ଦେବାକୁ ଦାବି କରିଥିଲେ। ସରକାର ପଦକ୍ଷେପ ଗ୍ରହଣ ନ କଲେ ଜିଲା ଆଦିବାସୀ ସଂଘ ଆନ୍ଦୋଳନ କରିବା ବୋଲି ନିଷ୍ପତ୍ତି ନିଆଯାଇଛି। ଗୀତାଞ୍ଜଳି ଶବର, ଲକ୍ଷ୍ମଣ ମୁଣ୍ଡା, ଲକ୍ଷ୍ମୀଧର ମାଝି, ଅର୍ଜୁନ ମାଝି, ଘନଶ୍ୟାମ ଶବର ପ୍ରମୁଖ ସହଯୋଗ କରିଥିଲେ। ବିଦୁର ଶବର ଧନ୍ୟବାଦ ଅର୍ପଣ କରିଥିଲେ।

# ଲଙ୍ଗଲବାହାଲିରେ ନୂତନ ବିକାଶ ନଗର ଗାଁ ଉଦ୍‌ଘାଟିତ

- ଆଦିବାସୀଙ୍କ ସ୍ୱପ୍ନ ପୂରଣ ହେଲା
- ସରକାରଙ୍କ ମୁଖ୍ୟସ୍ରୋତରେ ସାମିଲ ୮ଟି ପରିବାର

ଲାଞ୍ଜିଗଡ଼,୧୭।୮(ଡି.ଏନ.ଏ.)

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ଲାଞ୍ଜି ପଞ୍ଚାୟତ ପାହାଡରେ ଥିବା ଉପର ଲଙ୍ଗଲବାହାଲିରେ ନୂତନ ବିକାଶ ନଗର ଗାଁ ଉଦ୍‌ଘାଟିତ ହୋଇଯାଇଛି। ବୁଧବାର ଆଦିବାସୀ ଉନ୍ନୟନ ମନ୍ତ୍ରୀ ଜଗନ୍ନାଥ ଶାରକା ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଛନ୍ତି। ପାହାଡ ଭିତରେ ଥିବା ଏହି ସୁନ୍ଦର ଗାଁକୁ ଦେଖି ଲାଞ୍ଜିଗଡ ବ୍ଲକ ପ୍ରଶାସନକୁ ପ୍ରଶଂସା କରିଥିଲେ ଓ ବିକାଶ ନଗର ନିର୍ମାଣ କରିଥିବା ରାଜମିସ୍ତ୍ରୀମାନଙ୍କୁ ସମ୍ମାନିତ କରିଥିଲେ। ଆଦିବାସୀମାନେ ନିଜ ପାରମ୍ପାରିକ ବେଶଭୁଷାରେ ସୁସଜ୍ଜିତ ହୋଇ ମନ୍ତ୍ରୀଙ୍କୁ ସ୍ୱାଗତ କରିଥିଲେ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ରାଜ୍ୟ ସଭା ସଦସ୍ୟ ସୁଜିତ କୁମାର ସେଠ, ଜିଲାପାଳ ପି. ଅନ୍ୱେଷା ରେଡ୍ଡୀ, ଲାଞ୍ଜିଗଡ ବିଧାୟକ ପ୍ରଦୀପ କୁମାର ଦିଶାରୀ, ଜିଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂଦେଓ, ବ୍ଲକ ଅଧକ୍ଷା କମଳା ପାତ୍ର, ଜିଲା ପରିଷଦ ସଭ୍ୟା ଅଞ୍ଜଳି ମାଝି, ଲାଞ୍ଜି ସରପଞ୍ଚ ଯମୁନା ମାଝି, ସମିତିସଭ୍ୟ ବେଣୁଧର ବାଗ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ବିଡିଓ ଜିତେନ୍ଦ୍ର କୁମାର ମିଶ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିବା ବେଳେ ଜିଲା ପରିଷଦ ସଦସ୍ୟ ପରିକ୍ଷିତ ନାଏକ ଧନ୍ୟବାଦ ଦେଇଥିଲେ। ଯନ୍ତ୍ରୀ ଗୋଲକ ବିହାରୀ ଭୋଇ, ଗ୍ରାମ ରୋଜଗାର ସେବକ ସୁଦାଂଶୁ ବାଗ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଅଲେଖ ସା, ଭାଗବତ ପ୍ରସାଦ ସାହୁ ପ୍ରମୁଖ ସହଯୋଗ କରିଥିଲେ। ଲାଞ୍ଜିଗଡ ବ୍ଲକ ଜିଲାର ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ହୋଇଥିବା ବେଳେ ବ୍ଲକରେ ଅନେକଗୁଡିଏ ଗାଁ ଅଛି ଯେଉଁଠି ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ପାନୀୟଜଳ ଭଳି ମୌଳିକ ସୁବିଧାରୁ ବଞ୍ଚିତ। ଏଭଳି ଏକ ଦୁର୍ଗମ ଅପହଞ୍ଚ ଇଲାକା ହେଉଛି ଲାଞ୍ଜି ପଞ୍ଚାୟତ ପାହାଡ ଉପରେ ଥିବା ଉପର ଲଙ୍ଗଲବାହାଲି ଗାଁ। ଏହି ଗାଁରେ ୮ଟି ପରିବାରର ୫୪ ସଦସ୍ୟ ରହୁଥିବା ବେଳେ ବିଭିନ୍ନ ପ୍ରକାର ସମସ୍ୟାରେ ଜର୍ଜରିତ ଥିଲେ। ଏହାକୁ ଦୃଷ୍ଟିରେ ରଖି ଲାଞ୍ଜିଗଡ ବିଡିଓ ଜିତେନ୍ଦ୍ର କୁମାର ମିଶ୍ରଙ୍କ ନେତୃତ୍ୱରେ ଏକ ଟିମ ସେହି ଗାଁକୁ ଗସ୍ତ କରିଥିଲେ। ଉପର ଲଙ୍ଗଲବାହାଲି ଗାଁର ଭୌଗଳିକ ସ୍ଥିତିକୁ ଅନୁଧ୍ୟାନ କରି ସେମାନଙ୍କ ପାଇଁ ପାହାଡ ତଳେ ଥିବା ଏକ ସମତଳ ଜାଗାରେ ୮ଟି ପରିବାର ପାଇଁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୮ଟି ପକ୍କାଘର ନିର୍ମାଣ କରାଯାଇଥିଲା। ସେମାନଙ୍କ ପାଇଁ ସ୍ୱଚ୍ଛ ପାନୀୟଜଳ ବ୍ୟବସ୍ଥା, ଶୌଚାଳୟ, କଂକ୍ରିଟ ରାସ୍ତା, ଚେକ୍‌ଡ୍ୟାମ ନିର୍ମାଣ କରାଯାଇଛି। ବ୍ଲକ ପ୍ରଶାସନ ଦ୍ୱାରା ନିର୍ମାଣ ହୋଇଥିବା ଏହି ଗାଁକୁ ବିକାଶ ନଗର ନାମରେ ନାମିତ କରାଯାଇଛି।




ଲଙ୍ଗଲବାହାଲି ଗାଁରେ ନୂତନ ଗାଁ ବିକାଶ ନଗର ଉଦ୍‌ଘାଟନୀ ସମାରୋହ।

### ସ୍ୱଭାବ କବି ଗଙ୍ଗାଧର ମେହେର ଜୟନ୍ତୀ ପାଳିତ

ଖଡ଼ିଆଳ,୧୭।୮(ଡି.ଏନ.ଏ.)

ନୂଆପଡ଼ା ଜିଲା ଖଡ଼ିଆଳସ୍ଥିତ ରାଜା ଆର୍ତ୍ତତ୍ରାଣ ସରକାରୀ ଉଚ୍ଚ ବିଦ୍ୟାଳୟରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ବିଦ୍ୟାଳୟ ବରିଷ୍ଠ ଶିକ୍ଷକ ଅକ୍ଷୟ କୁମାର ରଥ ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଓଡ଼ିଆ ପ୍ରାଧ୍ୟାପକ ବିଜୟ କୁମାର ବାରିକ ଓ ସମ୍ମାନିତ ଅତିଥି ଗାୟକ ଶିରୋମଣି ଅର୍ଜୁନ ଛତ୍ରିଆ ଯୋଗଦେଇ ଗଙ୍ଗାଧରଙ୍କ ସାହିତ୍ୟ ଉପରେ ଆଲୋଚନା କରିଥିଲେ। ବିଦ୍ୟାଳୟ ଶିକ୍ଷକ ଗୌରାଙ୍ଗ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଶିକ୍ଷକ ସୁରବିଜୟ କାନ୍ତ ତାଣ୍ଡି ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟ ଶିକ୍ଷକ ରତନ ସିଂ ବାରିକ, ନୀଳିମା ରାଣୀ ସାଗର, ପୁଷ୍ପାଞ୍ଜଳି ମହାପାତ୍ର, ପ୍ରଭୁଦତ୍ତ ପୁରୋହିତ, ରାଜଶ୍ରୀ ଦଣ୍ଡସେନା, ଆଶିଷ କୁମାର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ବସ୍ ଟର୍ମିନାଲ ପରିଦର୍ଶନ କଲେ ବିଧାୟକ



ବିଧାୟକ ନରସିଂହ ମିଶ୍ର କାର୍ଯ୍ୟକ୍ଷମ ହୋଇଥିବା ବସ୍ ଟର୍ମିନାଲ ପରିଦର୍ଶନ କରୁଛନ୍ତି।

ବଲାଙ୍ଗୀର ଅଫିସ, ୧୭।୮

ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର ବୁଧବାର ନୂତନ ବସ୍ ଟର୍ମିନାଲ ପରିଦର୍ଶନ କରିଥିଲେ। ବସ୍ ଟର୍ମିନାଲରେ ପହଞ୍ଚିବା ପରେ ସେ ଜିଲା ଘରୋଇ ବସ୍ ମାଲିକ ସଂଘ କର୍ମକର୍ତ୍ତା ଓ ଟର୍ମିନାଲରେ କାର୍ଯ୍ୟରତ କ୍ଷେତ୍ର କର୍ମଚାରୀ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଜିଲା ଘରୋଇ ବସ୍ ମାଲିକ ସଂଘ ସଭାପତି ହେମନ୍ତ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ବସ୍‌ଷ୍ଟାଣ୍ଡ ସ୍ଥାନାନ୍ତର ପାଇଁ ଜିଲାପାଳ ଓ ଏସ୍‌ପିଙ୍କ ଉଦ୍ୟମକୁ ପଣ୍ଡା ପ୍ରଶଂସା କରିଥିଲେ। ଯାତ୍ରୀଙ୍କ ସୁବିଧା ପାଇଁ ନୂତନ ବସ୍ ଟର୍ମିନାଲରେ ପର୍ଯ୍ୟାପ୍ତ ସୁବିଧା ଥିବା ଏକ ଶୌଚାଳୟ ଅତିଶୀଘ୍ର ନିର୍ମାଣ କରିବାକୁ ସଂଘର ଦାବିକୁ ଗୁରୁତ୍ୱର ସହ ବିଚାର କରାଯିବ। ଉପସ୍ଥିତ କର୍ତ୍ତୃପକ୍ଷଙ୍କ ସହ ଫୋନ ଯୋଗେ ତତ୍‌କ୍ଷଣାତ ଆଲୋଚନା କରିବା ସହ ସଂଘ କାର୍ଯ୍ୟାଳୟର ଏକ କମ୍ୟୁନିଟି ହଲ ନିର୍ମାଣ ପାଇଁ ପାଣ୍ଠି ଯୋଗାଇ ଦେବାକୁ ବିଧାୟକ ମିଶ୍ର ସମ୍ମତି ପ୍ରଦାନ କରିଥିଲେ। ସଭାସ୍ଥଳରେ ଉପସ୍ଥିତ ସମସ୍ତ ବସ୍ ମାଲିକ, କର୍ମଚାରୀ ଓ ଯାତ୍ରୀମାନେ ବିଧାୟକ ମିଶ୍ରଙ୍କୁ ସମ୍ମାନ ପ୍ରଦର୍ଶନ କରିଥିଲେ। ସଭା ଶେଷରେ ସଂଘ ସମ୍ପାଦକ ପ୍ରଦ୍ୟୁତ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ମଞ୍ଚାସୀନ କର୍ମକର୍ତ୍ତାଙ୍କ ମଧ୍ୟରେ ଉପସଭାପତି ସୌମେନ୍ଦ୍ର ପରିଚ୍ଛା, କୋଷାଧ୍ୟକ୍ଷ ଶିବ ଶଙ୍କର ପଟେଲ ଓ ସହ ସମ୍ପାଦକ ଲିଙ୍କୁନ ଆଚାର୍ଯ୍ୟ ମଞ୍ଚାସୀନ ଥିଲେ। ବରିଷ୍ଠ ସଭ୍ୟ ଆଶୁତୋଷ ମିଶ୍ର, ମାନସ ରଞ୍ଜନ ନାୟକ, ସୁନୀଳ ମିଶ୍ର, ଡମ୍ବରୁଧର ଆଚାର୍ଯ୍ୟ ସଞ୍ଜୀବ ପଣ୍ଡା, ଭବାନୀ ପଟେଲ, ହିମାଂଶୁ ନାୟକ, ଚନ୍ଦ୍ରମଣି ତ୍ରିପାଠୀ, ସଞ୍ଜୀବ ସାହୁ, ସୁମନ୍ତ ପଟେଲ, ଶ୍ରୀଦେବ ମିଶ୍ର, ପାରିଶ ପଟେଲ, ଲକି ସାହୁ, ସୁରେଶ ହରିପାଲ, ମୁନା ଶତପଥୀ ସଭା ପରିଚାଳନା କରିଥିଲେ। ବସ୍‌ଷ୍ଟାଣ୍ଡରେ ହୋଟେଲ ପରିଚାଳନା କରୁଥିବା ଏସ୍‌ଏଚ୍‌ଜି ଗ୍ରୁପ ସହ ଶତାଧିକ ଜନତା ଉପସ୍ଥିତ ଥିଲେ।

### ଘର ଉପରେ ଉପୁଡି ପଡ଼ିଲା ଗଛ

ବେହେରା,୧୭।୮(ଡି.ଏନ.ଏ.)

କଳାହାଣ୍ଡି ଜିଲା ଧର୍ମଗଡ ବ୍ଲକ ଅନ୍ତର୍ଗତ କଦଳିମୁଣ୍ଡା ଗ୍ରାମରେ ଲଘୁଚାପଜନିତ ଲଗାଣ ବର୍ଷାରେ ସ୍କୁଲ ପରିସରରେ ଥିବା ଗଛ ଉପୁଡି ରାସ୍ତା ସମ୍ମୁଖରେ ଥିବା ଘର ଉପରେ ପଡିଯାଇଛି। ଏଥିରେ ପରିବାର ଲୋକେ ଅଳ୍ପକେ ବର୍ତ୍ତିଯାଇଥିବା ଜଣାପଡ଼ିଛି। ରବିବାର ରାତିରେ ପ୍ରାଥମିକ ବିଦ୍ୟାଳୟରେ ଥିବା ୨ଟି ଗଛ ଉପୁଡି ରାସ୍ତା ଅବରୋଧ ହେବା ସହ ପାଖରେ ଥିବା କମଲୁ କାଣ୍ଡଙ୍କ ଘର ଛାତରେ ପଡିଯାଇଥିଲା। ପରିବାରର କୌଣସି ସଦସ୍ୟଙ୍କ କିଛି କ୍ଷୟକ୍ଷତି ହୋଇ ନ ଥିଲା। ଖବର ପାଇ ସକାଳୁ ଧର୍ମଗଡ ତହସିଲଦାର ହରେକୃଷ୍ଣ ବରିହା, ଧର୍ମଗଡ ବିଡିଓ ଶରତଚନ୍ଦ୍ର ସେଠି, ପର୍ଲା ଆରଆଇ ଓ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ଗଛ କାଟି ରାସ୍ତା ଅବରୋଧ ହଟାଇଥିଲେ। ତହସିଲଦାର କ୍ଷୟକ୍ଷତି ଆକଳନ କରି ଉପଯୁକ୍ତ ସାହାଯ୍ୟ ଯୋଗାଇ ଦିଆଯିବ ବୋଲି ପ୍ରକାଶ କରିଥିଲେ।

### ମା' ସର୍ବମଙ୍ଗଳା ଘାଟି ମୁଣ୍ଡିଆଣିଙ୍କ ଡୋଙ୍ଗର ଯାତ୍ରା

କୋକସରା,୧୭।୮(ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ବ୍ଲକ ଗୋତମୁଣ୍ଡକୁ ଲାଗି ରହିଥିବା ସାହାଜଖୋଲ ସଂରକ୍ଷିତ ଜଙ୍ଗଲ ଅଞ୍ଚଳର ଜନଜାତି ଓ ଗ୍ରାମବାସୀ ଘଞ୍ଚ ଜଙ୍ଗଲରେ ମା' ସର୍ବମଙ୍ଗଳା ଘାଟି ମୁଣ୍ଡିଆଣିଙ୍କୁ ପୂଜା କରିଆସୁଛନ୍ତି। ଦେବୀଙ୍କ ଦୟାରୁ ଗ୍ରାମବାସୀ ସୁଖମୟ ସୁସ୍ଥହୋଇ ଅଞ୍ଚଳରେ ବାସ କରୁଥିବା ଯୋଗୁ ପ୍ରତିବର୍ଷ ଶ୍ରାବଣ ମାସ ପୂର୍ଣ୍ଣିମା ପରେ ପଡୁଥିବା ମଙ୍ଗଳବାର ଦେବୀ ସର୍ବମଙ୍ଗଳା ଘାଟି ମୁଣ୍ଡିଆଣିଙ୍କୁ ପୂଜା କରାଯାଏ। ଡୋଙ୍ଗର ଯାତ୍ରା ନାମରେ ନାମିତ ଏହି ପର୍ବରେ ଗ୍ରାମବାସୀ ମିଳିତ ଭାବେ କାଳିସୀ ଓ ଗ୍ରାମ ପୂଝାରୀଙ୍କ ଗହଣରେ ପାଳିତ ହୋଇଛି। ଗୋତମୁଣ୍ଡା ଗ୍ରାମରୁ ପ୍ରାୟ ୩ କି.ମି. ରାସ୍ତା ଚାଲି କାଳିସୀ ଓ ଲାଠି ଯାତ୍ରାରେ ବାହାରି ଜଙ୍ଗଲରେ ଥିବା ଦେବୀଙ୍କ ଆସ୍ଥାନରେ ପହଞ୍ଚି, ପୂର୍ବ ନିର୍ଦ୍ଧାରିତ ରିତିନୀତି ଅନୁସାରେ ପୂଜାର୍ଚ୍ଚନା ପରେ ଦେବୀଙ୍କ ମନ୍ଦିରରେ ମାନସିକ ଧାରୀ ଶ୍ରଦ୍ଧାଳୁମାନେ ଶୁକ୍ଲ ଭୋଗ ସହ କୁକୁଡ଼ା, ବୋଦା ବଳି ଦେଇ ମାନସିକ ପୂରଣ କରନ୍ତି। ଚଳିତବର୍ଷ କୋଭିଡ୍ କଟକଣା କୋହଳ ଯୋଗୁ ମଙ୍ଗଳବାର ମା' ସର୍ବମଙ୍ଗଳା ଘାଟି ମୁଣ୍ଡିଆଣି ଡୋଙ୍ଗର ଯାତ୍ରାରେ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଯାତ୍ରା କମିଟି ସଭାପତି ହେମନ୍ତ ମାଝିଙ୍କ ନେତୃତ୍ୱରେ ଗୋତୋମୁଣ୍ଡା ଗ୍ରାମର ଗଣା ମଳୟ ବାଗ, ଦେବିସିଂ ମାଝି, ମୁରଲୀ ଅନ୍ତି, ଅଖିଳ ମାଝି, ପୂର୍ଣ୍ଣଚନ୍ଦ୍ର ନାଏକ, ଭରତ ପୂଝାରୀ, ରତନ ମାଝି, ସରପଞ୍ଚ ପ୍ରତିନିଧି ହିମାଞ୍ଚଳ ପୂଝାରୀ ପ୍ରମୁଖ ସହଯୋଗ କରିଥିଲେ। ଦେବୀଙ୍କ ସେବକ ମନୋହର ପୂଝାରୀ, ବଳି ପୀଠ ପୂଝାରୀ ଗଣନାଥ ପୂଝାରୀ ଦେବୀଙ୍କ ପୂଜାର୍ଚ୍ଚନା କରିଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଗୋତୋମୁଣ୍ଡା ଫାଣ୍ଡି ଅଧିକାରୀ ମନୋଜ ନାଏକଙ୍କ ସମେତ ଆଇଆର୍‌ବି ଯବାନମାନେ ମୁତୟନ ହୋଇଥିଲେ।



ମା' ସର୍ବ ମଙ୍ଗଳା ଘାଟି ମୁଣ୍ଡିଆଣିଙ୍କ ଡୋଙ୍ଗର ଯାତ୍ରାରେ ପୂଜା କରାଯାଉଛି।

### ଲଗାଣ ବର୍ଷାରେ ଲୋକଙ୍କ ଘରେ ପଶିଲା ବର୍ଷା ଜଳ

ରୁପ୍ରା ରୋଡ,୧୭।୮(ଡି.ଏନ.ଏ.)

କଳାହାଣ୍ଡି ଜିଲା ରୁପ୍ରା ରୋଡ ସହରର ଅବସ୍ଥା ବର୍ଷାରେ ବେହାଲ ହୋଇପଡ଼ିଥିବା ବେଳେ ସ୍ଥାନୀୟ ଲୋକଙ୍କ ଘରେ ବର୍ଷା ଜଳ ପଶିଯାଇଛି। ରୁପ୍ରା ରୋଡରେ ବର୍ଷାଜଳ ନିଷ୍କାସନ ବ୍ୟବସ୍ଥା ନ ଥିବାରୁ ଅଳ୍ପ ବର୍ଷାରେ ମୁଖ୍ୟ ରାସ୍ତା ଉପରେ ୧ ଫୁଟ ଉଚ୍ଚର ପାଣି ଲହଡ଼ି ମାରୁଛି। ଫଳରେ ସ୍ଥାନୀୟ ଲୋକେ ଯିବାଆସିବାରେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଅନ୍ୟପଟେ ପାଣି ଜମି ରହୁଥିବା ସ୍ଥାନରେ ରାସ୍ତାର ଦୁଇ ପାର୍ଶ୍ୱରେ ଡ୍ରେନ ବ୍ୟବସ୍ଥା ନ ଥିବାରୁ ବର୍ଷାଜଳ ନିଷ୍କାସନ ହୋଇପାରୁ ନ ଥିବା ପଡ଼ାବାସୀ କହିଛନ୍ତି। ସ୍ଥାୟୀ ଡ୍ରେନ ନିର୍ମାଣ ବ୍ୟବସ୍ଥା କଲେ ସମାଧାନ ହୋଇପାରନ୍ତା ବୋଲି ଗ୍ରାମବାସୀ ମତ ରଖିଛନ୍ତି। ସ୍ଥାନୀୟ ସରପଞ୍ଚ ଏଥିପ୍ରତି ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# କ୍ଷତିଗ୍ରସ୍ତ ତହସିଲଦାରଙ୍କ ଦ୍ୱାରସ୍ଥ

ଦେଓଗାଁ,୧୭।୮(ଡି.ଏନ.ଏ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକରେ ଚଳିତ ଲଗାଣ ବର୍ଷାରେ କ୍ଷତିଗ୍ରସ୍ତ ହୋଇଥିବା ଗୌରଗୋଠ ଓ ବଡବାହାଲର ହିତାଧିକାରୀ ବୁଧବାର ତହସିଲଦାରଙ୍କ ଦ୍ୱାରସ୍ଥ ହୋଇଥିଲେ। ଦୁଇଦିନ ତଳେ ହୋଇଥିବା ଲଗାଣ ବର୍ଷାରେ ବ୍ଲକର ବିଭିନ୍ନ ଗାଁରେ ଲୋକଙ୍କ କଚ୍ଚାଘର ଭାଙ୍ଗିଥିଲା। ଅନେକ ଚାଷୀଙ୍କ ଧାନ ଓ ପନିପରିବା ଚାଷ କ୍ଷତିଗ୍ରସ୍ତ ହୋଇଛି। ଗୌରଗୋଠ ପଞ୍ଚାୟତର ଆମଦହନ, ଗୌରଗୋଠ ଓ ବଡବାହାଲର କେତେଙ୍କ ମାଟି ଘର ଭାଙ୍ଗି ଯାଇଛି। ସମ୍ପୃକ୍ତ ବ୍ୟକ୍ତିମାନେ ସ୍ଥାନୀୟ ଅର୍ଜୁନପୁର ରାଜସ୍ୱ ନିରୀକ୍ଷକଙ୍କୁ ଲିଖିତ ଅଭିଯୋଗ କରିଥିଲେ। ପରେ ସମ୍ପୃକ୍ତ ଆରଆଇ ତଦନ୍ତ କରି ତହସିଲଦାରଙ୍କୁ ରିପୋର୍ଟ କରିଥିଲେ। ତେବେ ଉକ୍ତ ରିପୋର୍ଟ ଠିକ ଆକାରରେ କରାଯାଇ ନ ଥିବା ଆମଦହନର କର୍ଣ୍ଣ ରଣା, ଶନିଶ୍ଚର ଷାଣ୍ଢ, ଚଞ୍ଚଳା ରଣା, ନରେନ୍ଦ୍ର ରଣା, ଗୌରୀ ଭୋଇ, ଗୌରଗୋଠର ଜୟସିଂ କୁମ୍ଭାର, ବନବାସୀ ରଣା, ବୀର ରଣାଙ୍କ ସମେତ ୨୫ରୁ ଊର୍ଦ୍ଧ୍ୱ ବ୍ୟକ୍ତି ତହସିଲଦାର ଯୁଗଳ କିଶୋର ବିଶ୍ୱାଳଙ୍କୁ ସାକ୍ଷାତ୍ କରି ଲିଖିତ ଅଭିଯୋଗ କରିଛନ୍ତି। କ୍ଷୟକ୍ଷତିର ଠିକ୍ ଆକଳନ କରି ଉପଯୁକ୍ତ ହିତାଧିକାରୀଙ୍କୁ ତାରପୋଲିନ ଯୋଗାଇ ଦେବା ପାଇଁ ଦାବି କରାଯାଇଛି। ଏନେଇ ତହସିଲଦାର ଯୁଗଳ କିଶୋର ବିଶ୍ୱାଳଙ୍କୁ ପଚାରିବାରୁ ଶୁକ୍ରବାର ମୁଁ ନିଜେ ଉକ୍ତ ଗାଁ ମାନଙ୍କରେ ତଦନ୍ତ କରି ତାରପୋଲିନ ଯୋଗାଇ ଦେବାର ବ୍ୟବସ୍ଥା କରିବି ବୋଲି କହିଥିଲେ।

# ମନ୍ତ୍ରୀଙ୍କ ଦ୍ୱାରା ମିଶନ ଶକ୍ତି କାଫେ ଉଦ୍‌ଘାଟିତ

ଲାଞ୍ଜିଗଡ଼,୧୭।୮(ଡି.ଏନ.ଏ.)

କଳାହାଣ୍ଡି ଜିଲା ଲାଞ୍ଜିଗଡସ୍ଥିତ ବଜାରପଡାଠାରେ ମିଶନଶକ୍ତି କାଫେ ଲାଞ୍ଜିଗଡ କୁଟିଆକନ୍ଧ ଉନ୍ନୟନ ସଂସ୍ଥା ମାଧମରେ ନିର୍ମାଣ କରିଥିବା ବେଳେ ଏହି ମିଶନଶକ୍ତି କାଫେ ଆଦିବାସୀ ଉନ୍ନୟନ ମନ୍ତ୍ରୀ ଜଗନ୍ନାଥ ସାରକା ବୁଧବାର ଉଦ୍‌ଘାଟନ କରିଛନ୍ତି। ମିଶନଶକ୍ତି କାଫେ ନିର୍ମାଣ କରିବା ଦ୍ୱାରା ଅନେକ ଏସଏସଜି ମହିଳା ଉପକୃତ ହୋଇପାରିବେ। ମିଶନଶକ୍ତି ଦ୍ୱାରା ମହିଳା ଶଶକ୍ତିକରଣ ଓ ମହିଳାଙ୍କ ସ୍ୱାବଲମ୍ବି ପାଇଁ ରାଜ୍ୟ ସରକାର ଅନେକ ଯୋଜନା କରିଥିବା ବେଳେ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାରେ ମହିଳା ଗୋଷ୍ଠି ସବୁ ଉପକୃତ ହୋଇଛନ୍ତି। ଲାଞ୍ଜିଗଡର ଏହି ମିଶନଶକ୍ତି କାଫେର ଦାୟିତ୍ୱ ଅଞ୍ଚଳର ୫ଟି ଏସଏସଜି ମହିଳାମାନଙ୍କୁ ଦିଆଯାଇଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ରାଜ୍ୟ ସଭା ସଦସ୍ୟ ସୁଜିତ କୁମାର ସେଠ, ଜିଲାପାଳ ପି. ଅନ୍ୱେଷା ରେଡ୍ଡୀ, ଲାଞ୍ଜିଗଡ ବିଧାୟକ ପ୍ରଦିପ କୁମାର ଦିଶାରୀ, ଜିଲା ପରିଷଦ ଅଧକ୍ଷ ପୁଷ୍ପେନ୍ଦ୍ର ସିଂଦେଓ, ପିଏ ଆଇଟିଡିଏ ବିରଞ୍ଚି ନାରାୟଣ ଦରୱାନ, ଜିଲା ମଙ୍ଗଳ ଅଧିକାରୀ ଅରବିନ୍ଦ ରାଏ, ଲାଞ୍ଜିଗଡ ଶିଶୁ ବିକାଶ ଅଧିକାରିଣୀ ବିଜୟିଶ୍ରି ସିଂ, ବ୍ଲକ ଅଧକ୍ଷା କମଳା ପାତ୍ର, ବିଡିଓ ଜିତେନ୍ଦ୍ର କୁମାର ମିଶ୍ର, ଜିଲା ପରିଷଦ ସଦସ୍ୟ ପରିକ୍ଷିତ ନାଏକ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଉପସ୍ଥିତ ଥିଲେ। କୁଟିଆକନ୍ଧ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଲୋମ୍ବଧର ପ୍ରଧାନଙ୍କ ତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ସଂସ୍ଥାର କର୍ମଚାରୀ ଓ ଏସଏସଜି ମହିଳାମାନେ ସହଯୋଗ କରିଥିଲେ।



ମିଶନଶକ୍ତି କାଫେ ଉଦ୍‌ଘାଟନୀରେ ଉପସ୍ଥିତ ଅତିଥିବୃନ୍ଦ।

# ତହସିଲଦାରଙ୍କଠାରେ ବଡ଼ପୋଡ଼ାଗୁଡ଼ାବାସୀଙ୍କ ଫେରାଦ

ଭୋଗରା ଜମି ଜବରଦଖଲ ଅଭିଯୋଗ

କୋକସରା,୧୭।୮(ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ବ୍ଲକ ବଡ଼ପୋଡ଼ାଗୁଡ଼ା ପଞ୍ଚାୟତ ଅନ୍ତର୍ଗତ ଭାଲିଆଯୋର ଗ୍ରାମର ଦେବଦେବୀଙ୍କ ପୂଜା ପାଇଁ ରହିଥିବା ୧୭ ଏକର ୫୨ ଡେସିମିଲ ସରକାରୀ ଭୋଗରା ଜମିକୁ କେତେଜଣ ବ୍ୟକ୍ତି ବଳପୂର୍ବକ ଜବରଦଖଲ କରିଥିବା ଅଭିଯୋଗ ହୋଇଛି। ଏହାକୁ ବିରୋଧ କରି ବଡ଼ପୋଡ଼ାଗୁଡ଼ା ପଞ୍ଚାୟତ ଭାଲିଆଯୋର, ଦାବ୍ରିଗୁଡା, ତଲାଗାଁ, ସର୍ଗିଗୁଡା, ରଏନଗୁଡା, ବାବେକୋହରା, ତେଲିଗୁଡା ଗ୍ରାମର ବଳଭଦ୍ର ପୂଝାରୀ, ରାମକୃଷ୍ଣ ମାଝି, ପୋ ସରପଞ୍ଚ ପ୍ରତିନିଧି ଧର୍ମାନନ୍ଦ ନାଏକ, ବିରେନ ନାଏକ, ପ୍ରଫୁଲ୍ଲ ନାଏକ, ପରକ୍ଷିତ ବେଶ୍ରା, ହରିଶ୍ଚନ୍ଦ୍ର ନାଏକ, ଚତୁର ପୂଝାରୀ, ଦାମୁ ପୂଝାରୀ, ଭଜମନ ନାଏକ, ଗୋବର୍ଦ୍ଧନ ପୂଝାରୀଙ୍କ ସମେତ ୮ଖଣ୍ଡ ଗ୍ରାମବାସୀ ବୁଧବାର ସ୍ଥାନୀୟ ତହସିଲଦାରଙ୍କଠାରେ ଫେରଦ ହୋଇ ଜବରଦଖଲକାରୀଙ୍କଠାରୁ ଜମିମୁକ୍ତ କରି ଡିଗ୍ରୀ ପାଇଥିବା କାଶୀନାଥ ଧଙ୍ଗଡାମାଝିଙ୍କୁ ହସ୍ତାନ୍ତର କରିବାକୁ ଦାବି କରିଛନ୍ତି।



ତହସିଲଦାରଙ୍କୁ ଗ୍ରାମବାସୀ ଦାବିପତ୍ର ଦେଉଛନ୍ତି।

ସୂଚନା ଯେ, ଭାଲିଆଯୋର ଗ୍ରାମର ଦେବଦେବୀଙ୍କ ପୂଜା ପାଇଁ ରହିଥିବା ୧୭ ଏକର ୫୨ ଡେସିମିଲ ସରକାରୀ ଭୋଗରା ଜମିକୁ ଗ୍ରାମର ଝାଙ୍କର କାଶିନାଥ ଧଙ୍ଗଡା ମାଝି ପୁରୁଷାନୁକ୍ରମେ ଦଖଲ କରି ଆସୁଛନ୍ତି। ଅଞ୍ଚଳରେ ଦେବଦେବୀଙ୍କ ସେ ପୂଜାର୍ଚ୍ଚନା କରି ଆସୁଛନ୍ତି। ଏହି ସରକାରୀ ଭୋଗରା ଜମି ଦଖଲ ପାଇଁ ସିଭିଲ ଜଜ୍ ୩୧/୦୧/୨୦୧୩ରେ କାଶିନାଥ ଧଙ୍ଗଡା ମାଝିଙ୍କୁ ଡିଗ୍ରୀ ପ୍ରଦାନ କରିଛନ୍ତି। ଏ ନେଇ ପୂର୍ବରୁ ଏକ ଚୁକ୍ତିନାମା ୫।୪।୨୦୧୦ରେ କୋକସରା ଥାନାରେ ମଧ୍ୟ ହୋଇଛି। କିନ୍ତୁ ଗ୍ରାମର କେତେଜଣ ବ୍ୟକ୍ତିମାନେ ବିଭିନ୍ନ ସମୟରେ ବିଶୃଙ୍ଖଳା କରି କୋର୍ଟ ନିର୍ଦ୍ଦେଶ ଓ ଥାନା ରାଜିନାମାକୁ ବେଖାତିର କରି ଏକ ଗୋଷ୍ଠି ବଳପୂର୍ବକ ଦଖଲ କରିଛନ୍ତି। ଏ ନେଇ କୋକସରା ତହସିଲଦାର ରାକେଶ ପରୁଆଙ୍କ ପ୍ରତିକ୍ରିୟା ନେବାରୁ ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି।

## ଠିକାଦାର ସଂଘର କର୍ମକର୍ତ୍ତା ନିର୍ବାଚନ

**ବରଗଡ଼ ଅଫିସ୍:** ବରଗଡ଼ ଜିଲା ଠିକାଦାର ସଂଘ କାର୍ଯ୍ୟାଳୟରେ ବୁଧବାର ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ସଂଘର ନୂତନ କର୍ମକର୍ତ୍ତା ନିର୍ବାଚନ କରାଯାଇଥିଲା। ଏଥିରେ ଲକ୍ଷ୍ମୀନାରାୟଣ ରଥ ସଭାପତି, କମଳ ତାଣ୍ଡି ଉପସଭାପତି, ସୁଦେଶ ମଙ୍ଗୁଆଲ ସମ୍ପାଦକ ମନୋନୀତ ହୋଇଥିଲେ। ସେହିପରି ଦିଲ୍ଲୀପ ଦାଶ ଯୁଗ୍ମ ସମ୍ପାଦକ ଏବଂ ଆଶୁତୋଷ ପ୍ରଧାନ କୋଷାଧ୍ୟକ୍ଷ ମନୋନୀତ ହୋଇଥିଲେ। ଏହା ସହିତ ୯ଜଣଙ୍କୁ କାର୍ଯ୍ୟକାରୀ କମିଟି ସଭ୍ୟଭାବେ ମନୋନୀତ କରାଯାଇଥିଲା।

### ସଂକ୍ଷେପରେ

## ଅଭିଯୁକ୍ତଙ୍କୁ ଦଶ ବର୍ଷ କାରାଦଣ୍ଡାଦେଶ

### ଗଞ୍ଜେଇ ଚାଲାଣ ମାମଲା

**ବୌଦ୍ଧ,୧୭।୮(ସ୍ୱ.ପ୍ର.):** ବୌଦ୍ଧ ଜିଲା ଦୌରାଜଜ୍ ତଥା ସ୍ପେଶାଲ ଜଜ୍ ବିକ୍ରମ କୁମାର ପ୍ରଧାନ ସୋମବାର ଦିନ ଏକ ଗଞ୍ଜେଇ ଚାଲାଣ ମାମଲାର ବିଚାର କରି ଅଭିଯୁକ୍ତଙ୍କୁ ୧୦ ବର୍ଷ କାରାଦଣ୍ଡ ସହିତ ଏକ ଲକ୍ଷ ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ମାମଲାରୁ ପ୍ରକାଶ ଯେ, ଗତ ୧୦।୧୧।୨୧ ତାରିଖରେ ବୌଦ୍ଧ ଅବକାରୀ ବିଭାଗ କର୍ମଚାରୀମାନେ ଖୋର୍ଦ୍ଧା-ବଲାଙ୍ଗୀର ଜାତୀୟ ରାଜପଥରେ ପାଟୋଲିଂ କରୁଥିବା ସମୟରେ ଜହ୍ନାପଙ୍କରୁ ବୌଦ୍ଧ ଆଡକୁ ଆସୁଥିବା ଏକ ଗାଡିକୁ ସରଣ୍ଡା ଛକରେ ଅଟକାଇ ଯାଞ୍ଚ କରିଥିଲେ। ଯାଞ୍ଚ ସମୟରେ ଗାଡିର ପଛ ଡାଲାରେ ୪ ଗୋଟି ବସ୍ତାରେ ଥିବା ୧୩୨ କିଲୋ ଗଞ୍ଜେଇକୁ ଜବତ କରିଥିଲେ। ଏହି ଘଟଣାରେ ଗାଡିରେ ବସିଥିବା ଅନୁଗୁଳ ଜିଲା ବଇଣ୍ଡା ଗ୍ରାମର ଜିତେନ୍ଦ୍ର ପୋଢ(୨୪)ଙ୍କୁ ଗିରଫ କରାଯାଇଥିଲା। ଅବକାରୀ ବିଭାଗ ଏକ ମାମଲା ରୁଜୁ କରି ଅଭିଯୁକ୍ତ ଜିତେନ୍ଦ୍ରଙ୍କୁ କୋର୍ଟ ଚାଲାଣ କରିଥିଲା। ପରବର୍ତ୍ତୀ ସମୟରେ ମାମଲଟି ଜିଲା ଦୌରାଜଜ୍ ତଥା ସ୍ପେଶାଲ ଜଜ୍‌ଙ୍କ ଅଦାଲତରେ ସ୍ପେଶାଲ କେସ (ନଂ ୨ଏସିସି ୨୨/୨୧) ହୋଇ ବିଚାର ହୋଇଥିଲା। ମାମଲାର ତିନି ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତି କରି ଜିଲା ଦୌରାଜଜ୍ ତଥା ସ୍ପେଶାଲ ଜଜ୍ ପ୍ରଧାନ ପ୍ରମାଣ ଥିବା ନେଇ ଅଭିଯୁକ୍ତ ଜିତେନ୍ଦ୍ରଙ୍କୁ ୧୦ ବର୍ଷ କାରାଦଣ୍ଡ ସହ ଏକ ଲକ୍ଷ ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦେୟ ହେଲେ ଅଧିକ ଏକ ବର୍ଷ କାରାଦଣ୍ଡାଦେଶ ଦେଇଛନ୍ତି। ମାମଲାକୁ ସରକାରଙ୍କ ପକ୍ଷରୁ ସରକାରୀ ଓକିଲ (ପିପି)ସବିତା କୁମାରୀ ପଣ୍ଡା ପରିଚାଳନା କରୁଥିଲେ।

## ଛାତ୍ରଙ୍କୁ ସମ୍ବର୍ଦ୍ଧନା



**ଡୁଙ୍ଗୁରିପାଲି,୧୭।୮(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଅନ୍ତର୍ଗତ କନ୍ଦାଗାର୍ଡ ଉଚ୍ଚ ବିଦ୍ୟାଳୟଠାରେ ମଙ୍ଗଳବାର ଏକ ସମ୍ବର୍ଦ୍ଧନା ସଭା ପ୍ରଧାନଶିକ୍ଷକ ରମେଶ ଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସଭାରେ ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ ଏ-୧ ପାଇ ଉତ୍ତୀର୍ଣ୍ଣ ହୋଇଥିବା ସଚିନ ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ରସନିଧି ପ୍ରଧାନ ଯୋଗଦେଇ ସଚିନଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ସଚିନ ମୋଟ ୫୪୫ ମାର୍କ ରଖିଥିବାରୁ ଶିକ୍ଷକ ମହଲରେ ଆନନ୍ଦ ଦେଖାଯାଇଛି। ଉକ୍ତ ସଭାରେ ଶିକ୍ଷକ ଅଲେଖ ଭୋଇ, ସମ୍ପଦ ଖମାରୀ, ସୁବାଷ ଚନ୍ଦ୍ର ବାରିକ, ବୀରେନ୍ଦ୍ର କୁମାର ସାହୁ, ଅନନ୍ତ ନାରାୟଣ ବନଛୋର, ନୀଳମଣି ଚୌଧୁରୀ, ବିଶାମିତ୍ର ବାରିକ, ସନ୍ତୋଷ କୁମାର ପ୍ରଧାନ ଯୋଗ ଦେଇଥିଲେ। ଲକ୍ଷ୍ମୀଧର ବିଶ୍ୱାଳ, ଗରୁଡ଼ଧ୍ୱଜ ଖମାରୀ, ଲଳିତ ବିଶ୍ୱାଳ, ଆଷାଢୁ ବର୍ଗେ ପ୍ରମୁଖ ସହଯୋଗ କରିଥିଲେ। ସଭାରେ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର, ଭଦ୍ରବ୍ୟକ୍ତି ଓ ମହିଳାମାନେ ଯୋଗ ଦେଇଥିଲେ।

## ବନ୍ୟାରେ ଭାସିଗଲା ଡଙ୍ଗା, ମାଛଧରା ସାମଗ୍ରୀ

### ଚିନ୍ତାରେ ନିମ୍ନା ଗ୍ରାମର ମତ୍ସ୍ୟଜୀବୀ

**ସୋନପୁର,୧୭।୮(ନି.ପ୍ର.)**



ନିମ୍ନା ଗ୍ରାମର କ୍ଷତିଗ୍ରସ୍ତ ମତ୍ସ୍ୟଜୀବୀମାନେ ଜିଲାପାଳଙ୍କୁ ଭେଟିବାକୁ ଆସିଛନ୍ତି।

ମହାନଦୀରେ ବନ୍ୟା ପାଣି ମାଡି ଆସିବା ଦ୍ୱାରା ସୁବର୍ଣ୍ଣପୁର ଜିଲାର ନଦୀକୂଳରେ ରହୁଥିବା ଅଧିବାସୀଙ୍କ ସହିତ ମତ୍ସ୍ୟଜୀବୀ କ୍ଷତିଗ୍ରସ୍ତ ହୋଇଛନ୍ତି। ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ପଞ୍ଚମହଲା ପଞ୍ଚାୟତ ନିମ୍ନା ଗ୍ରାମର ମତ୍ସ୍ୟଜୀବୀଙ୍କ ୬ଟି ଦେଶୀ ଡଙ୍ଗା ମହାନଦୀର ବନ୍ୟା ସ୍ରୋତରେ ଭାସିଯାଇଛି। ସେହିପରି ମତ୍ସ୍ୟଜୀବୀଙ୍କ ଜାଲ, ଧରି, ବେନ୍ଦା, ଦାନ୍ଦର ହାପା, ଦାଉଣି, ସୋଲ ଓ ମାଛ ମରା ସାମଗ୍ରୀ ଭାସି ଯାଇଥିବା ଅଭିଯୋଗ ହୋଇଛି। ନିମ୍ନା ଅଞ୍ଚଳର ଶତାଧିକ ମତ୍ସ୍ୟଜୀବୀ ଦେଶୀ ଡଙ୍ଗା ଓ ଜାଲ ଦ୍ୱାରା ପାରମ୍ପରିକ ଉପାୟରେ ମହାନଦୀରୁ ମାଛ ଧରି ନିଜର ପରିବାର ପ୍ରତିପୋଷଣ କରନ୍ତି। ମହାନଦୀରେ ଡଙ୍ଗା, ଜାଲ, ଧରି ଆଦି ଲକ୍ଷାଧିକ ଟଙ୍କାର ମାଛ ଧରା ସାମଗ୍ରୀ ରହିଥିଲା। ତେବେ ୧୪ ତାରିଖ ରାତିରେ ସେସବୁ ଭାସିଯାଇଛି। ମତ୍ସ୍ୟଜୀବୀମାନେ ପରିବାର ପ୍ରତିପୋଷଣ ନେଇ ଏବେ ଚିନ୍ତାରେ ଅଛନ୍ତି। ଆର୍ଥିକ ସହାୟତା ଯୋଗାଇ ଦେବାକୁ ମତ୍ସ୍ୟଜୀବୀ ନେତ୍ରାନନ୍ଦ ବେହେରା, ଦାଶରଥି ବେହେରା, ବାଳମୁକୁନ୍ଦ ମଲ୍ଲିକ, ଧୃବା ବେହେରା, ଧନଞ୍ଜୟ ବେହେରା, କ୍ଷୀରସିନ୍ଧୁ ବେହେରା, ପୂର୍ଣ୍ଣଚନ୍ଦ୍ର ବେହେରା, ବୃନ୍ଦାବନ ବେହେରା ପ୍ରମୁଖ ଜିଲାପାଳ ଅବୋଲି ସୁନିଲ ନରୱଣେଙ୍କୁ ଭେଟି ବୁଧବାର ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଏ ସମ୍ପର୍କରେ ଅନୁଧ୍ୟାନ କରିବାକୁ ଜିଲାପାଳ ନରୱଣେ ଜିଲା ମତ୍ସ୍ୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜିଲା ମତ୍ସ୍ୟ ଅଧିକାରୀ ପ୍ରସନ୍ନ କୁମାର ପଟ୍ଟନାୟକ କହିଛନ୍ତି ହୀରାକୁଦ୍ ଡ୍ୟାମ୍‌ରୁ ବନ୍ୟାଜଳ ଛଡା ଯାଉଥିବାରୁ ନଦୀକୁ ନ ଯିବାକୁ ମତ୍ସ୍ୟଜୀବୀଙ୍କୁ ପୂର୍ବରୁ ସୂଚନା ଦିଆଯାଇଥିଲା। କେଉଁ ପରିସ୍ଥିତିରେ ଡଙ୍ଗା ଓ ଜାଲ ବନ୍ୟାରେ ଭାସିଗଲା ସେ ନେଇ ତଦନ୍ତ କରାଯାଉଛି। ରିପୋର୍ଟ ମିଳିବା ପରେ ସହାୟତା ସମ୍ପର୍କରେ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯିବ।

## ଗଙ୍ଗାଧରଙ୍କ ସାରସ୍ୱତ ସୃଷ୍ଟି ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରିଛି

**ସୋନପୁର,୧୭।୮(ନି.ପ୍ର.)**

ସୁବର୍ଣ୍ଣପୁର ଜିଲା ବରିଷ୍ଠ ନାଗରିକ ସଂଘ ପକ୍ଷରୁ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ଅଣ ଗେଜେଟେଡ କର୍ମଚାରୀ ସମନ୍ୱୟ ସମିତିର ସଭାଗୃହ ଠାରେ ସଭାପତି ଜ୍ୟୋତି ରଞ୍ଜନ ବହିଦାରଙ୍କ ସଭାପତିତ୍ୱରେ ସଭା ଅନୁଷ୍ଠିତ ହୋଇଥିଲା। ଉକ୍ତ ସାରସ୍ୱତ ସାହିତ୍ୟ ସଭାରେ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ଗଙ୍ଗାଧରଙ୍କ ସାରସ୍ୱତ ସୃଷ୍ଟି ଓଡିଆ ସାହିତ୍ୟ ଭଣ୍ଡାରକୁ ସମୃଦ୍ଧ କରିଛି ବୋଲି ମତପ୍ରକାଶ କରିଥିଲେ। ବକ୍ତା ଭାବେ କବି ଆର୍ତ୍ତତ୍ରାଣ ବାବୁ ଯୋଗଦେଇ ଗଙ୍ଗାଧର ମେହେର ହେଉଛନ୍ତି ମହାତ୍ମାମାନଙ୍କ ମଧ୍ୟରୁ ଜଣେ, ଯିଏ ପରୋପକାରକୁ ଜୀବନର ମହାବ୍ରତ ଭାବେ ସାରା ଜୀବନ ନିଷ୍ଠାର ସହିତ ପାଳନ କରିଥିଲେ ବୋଲି କହିଥିଲେ। ବରିଷ୍ଠ ନାଗରିକ ସଂଘର ଉପଦେଷ୍ଟା ଗୋରେଖନାଥ ସାହୁ, ପ୍ରଫେସର ନାରାୟଣ ପ୍ରସାଦ ରାୟଗୁରୁ, ପ୍ରଦୀପ ପୁରୋହିତ, ମଦନ ମୋହନ ଦାନୀ ଓ ମୀନା ମହାରଣା ପ୍ରମୁଖ କବିଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହିତ ଗଙ୍ଗାଧରଙ୍କ ସାହିତ୍ୟ କୃତି ବିଷୟରେ ଆଲୋଚନା କରିଥିଲେ। ସଂଘର ସମ୍ପାଦକ ଜ୍ୟୋତିରଞ୍ଜନ ପଟ୍ଟନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବରିଷ୍ଠ ସଭ୍ୟ ବ୍ୟୋମକେଶ ଦାଶ, ଡ. ସନ୍ତୋଷ କୁମାର ପାଢୀ, ମନୋରଞ୍ଜନ ବହିଦାର, ସତ୍ୟନାରାୟଣ ମିଶ୍ର, ଉମେଶ ଚନ୍ଦ୍ର ପଣ୍ଡା, ହରିହର ଶତପଥୀ, ଶିବରାମ ପଟ୍ଟନାୟକ, ମୃତ୍ୟୁଞ୍ଜୟ ଦାସ, ଶ୍ରୀବତ୍ସ ମଲ୍ଲିକ, ପୂର୍ଣ୍ଣଚନ୍ଦ୍ର ଦାସ, ଇନ୍ଦୁମତୀ ପୁରୋହିତ, ଶତୃଘ୍ନ ହୋତା, ତ୍ରିପୁରାରି ପଣ୍ଡା, ଦେବ କିଶୋର ଦାନୀ, ରାମଚନ୍ଦ୍ର ପାଣିଗ୍ରାହୀ, ନୀଳମାଧବ ଗୁରୁ ଓ ବିଘ୍ନରାଜ ପାଣ୍ଡିଆ ପ୍ରମୁଖ ଜୟନ୍ତୀ ସଭାରେ ଅଂଶଗ୍ରହଣ କରିଥିଲେ।

## ଜିଲାସ୍ତରୀୟ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ ଉଦ୍‌ଯାପିତ



କମିଟିର କର୍ମକର୍ତ୍ତା ଓ ଖେଳାଳି।

**ବୌଦ୍ଧ,୧୭।୮(ସ୍ୱ.ପ୍ର.)**

ବୌଦ୍ଧ ଜିଲା ବ୍ୟାଡ୍‌ମିଣ୍ଟନ ଆସୋସିଏଶନ ଦ୍ୱାରା ବୌଦ୍ଧ ଇନଡୋର ଷ୍ଟାଡିୟମଠାରେ ତିନିଦିନ ଧରି ଚାଲିଥିବା ଜିଲାସ୍ତରୀୟ ବ୍ୟାଡ୍‌ମିଣ୍ଟନ ଚମ୍ପିୟାନଶିପ ଉଦ୍‌ଯାପିତ ହୋଇଯାଇଛି। ଏହି ପ୍ରତିଯୋଗିତାର ବିଭିନ୍ନ ବର୍ଗରେ ୬୬ଜଣ ଖେଳାଳି ଅଂଶଗ୍ରହଣ କରିଥିଲେ। ୧୫ ବର୍ଷରୁ କମ୍ ବାଳିକା ବର୍ଗରେ କେନ୍ଦ୍ରୀୟ ବିଦ୍ୟାଳୟର ସ୍ନିଗ୍ଧାରାଣୀ ଜାନୀ ଓ ଚିନ୍ମୟୀ ମେହେର ଚାମ୍ପିୟନ ହୋଇଥିବା ବେଳେ ବାଳକ ବର୍ଗରେ ବୌଦ୍ଧ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଜ୍ୟୋତିରଞ୍ଜନ ସେଠୀ ଓ ଶୁଭ୍ରଜିତ ମେହେର ଚାମ୍ପିୟନ ହୋଇଥିଲେ। ସେହିପରି ୧୯ବର୍ଷରୁ କମ୍ ବାଳିକା (ସିଙ୍ଗଲସ)ବର୍ଗରେ ବୌଦ୍ଧ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ପ୍ରତୀକ୍ଷା କର ଓ ବାଳକ ବର୍ଗରେ ସୁବ୍ରତ ମେହେର ଚାମ୍ପିୟନ ହୋଇଥିଲେ। ୧୯ବର୍ଷରୁ କମ ବାଳକ (ଡବଲସ)ବର୍ଗରେ କେନ୍ଦ୍ରୀୟ ବିଦ୍ୟାଳୟର ଶୁଭଙ୍କର ସେଠୀ ଓ କେବଲ କୁମାର ପାତ୍ର ବିଜୟୀ ହୋଇଥିଲେ। ସିନିୟର ପୁରୁଷ ବର୍ଗରେ ବୌଦ୍ଧ ବ୍ୟାଡମିଣ୍ଟନ ଆସୋସିଏଶନର ସାଗର ଗୁପ୍ତା ଚାମ୍ପିୟନ ହୋଇଥିବା ବେଳେ ବରିଷ୍ଠ ୫୦ବର୍ଷରୁ ଅଧିକ ବର୍ଗରେ ଫ୍ଲେଜନ କ୍ଲବର ଡ.ସଞ୍ଜୟ କୁମାର ପଣ୍ଡା ଓ ରୂପକ ମହାପାତ୍ର ଓ ୩୫ ବର୍ଷରୁ ଅଧିକ ବର୍ଗରେ ବୌଦ୍ଧ ବ୍ୟାଡମିଣ୍ଟନ ଆସୋସିଏଶନର ଆଲୋକ କୁମାର ରଥ ଓ ସୁନ୍ଦର ପ୍ରକାଶ ବିଜୟୀ ହୋଇଥିଲେ। ସିନିୟର (ଡବଲସ)ରେ ସାଗର ଗୁପ୍ତା ଓ ବିବେକାନନ୍ଦ କର୍ଣ୍ଣ ବିଜୟୀ ହୋଇଥିଲେ। ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବରେ ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. କିଶୋର ଚନ୍ଦ୍ର ପଟ୍ଟନାୟକ ଏବଂ ସମ୍ମାନିତ ଅତିଥି ଭାବରେ ଶଲ୍ୟ ବିଶେଷଜ୍ଞ ଡା.ଅରୁଣ କୁମାର ବିଶ୍ୱାଳ ଯୋଗଦେଇ କୃତୀ ଖେଳାଳିମାନଙ୍କୁ ବିଜେତା ଟ୍ରଫି ପ୍ରଦାନ କରିଥିଲେ। ଓଡ଼ିଶା ବ୍ୟାଡମିଣ୍ଟନ ଆସୋସିଏଶନ ଦ୍ୱାରା ମାନ୍ୟତାପ୍ରାପ୍ତ ବୈଷୟିକ ଅଧିକାରୀ(ଟେକନିକାଲ ଅଫିସର) ବଦ୍ରି ନାରାୟଣ ମିଶ୍ର ଓ ବିବେକାନନ୍ଦ କର୍ଣ୍ଣ ଚମ୍ପିୟାନଶିପ୍‌ର ପରିଚାଳନା କରିଥିଲେ। ଏଥିରେ ବରିଷ୍ଠ ଖେଳାଳି ସୁବ୍ରତ କୁମାର ପୁରୋହିତ ସହଯୋଗ କରିଥିବା ବେଳେ ଉପଦେଷ୍ଟା ଲମ୍ବୋଦର ପୁରୋହିତ ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ବୌଦ୍ଧ ବ୍ୟାଡମିଣ୍ଟନ ଆସୋସିଏଶନର ସଭାପତି ଜୁଲିୟସ ସିଜର ମହାକୁଳଙ୍କ ନେତୃତ୍ୱରେ ସଂପାଦକ ହୃଦାନନ୍ଦ ମିଶ୍ର,ସଂଗଠନ ସମ୍ପାଦକ ସୁନ୍ଦର ପ୍ରକାଶ,ଉପସଭାପତି ପ୍ରଦୋଷ ମହାରଣା, ବିଷ୍ଣୁ ପ୍ରସାଦ ପଣ୍ଡା,ପରେଶ ବେହେରାଙ୍କ ସମେତ ସମସ୍ତ ସଦସ୍ୟ ଚମ୍ପିୟାନଶିପ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ।

## ବିନିକାରେ ଚଢ଼ା ଦରରେ ବିକ୍ରି ହେଉଛି ୟୁରିଆ ସାର

**ସୋନପୁର,୧୭।୮(ନି.ପ୍ର.)**

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଅଞ୍ଚଳରେ ବର୍ତ୍ତମାନ ୟୁରିଆ ସାର ଚଢା ଦରରେ ବିକ୍ରି ହେଉଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଏହି ଅଞ୍ଚଳରେ ବର୍ତ୍ତମାନ ଖରିଫ ଧାନ ଫସଲକୁ ଆବଶ୍ୟକତା ଅନୁଯାୟୀ ୟୁରିଆ ସାର ଦରକାର ଥିବା ବେଳେ ସାର ଦୋକାନୀମାନେ ନିର୍ଦ୍ଧାରିତ ମୂଲ୍ୟ ଠାରୁ ଅଧିକ ଦରରେ ଚାଷୀଙ୍କୁ ବିକ୍ରି କରୁଛନ୍ତି। ୟୁରିଆ ସାରର ସରକାରୀ ମୂଲ୍ୟ ବସ୍ତା ପ୍ରତି ୨୬୬ ଟଙ୍କା ୫୦ ପଇସା ରହିଛି। କିନ୍ତୁ ଦୋକାନୀମାନେ ବସ୍ତା ପ୍ରତି ପ୍ରାୟ ୧ହଜାର ଟଙ୍କା ପର୍ଯ୍ୟନ୍ତ ବିକ୍ରି କରୁଥିବା ଅଭିଯୋଗ ହେଉଛି। ପୁଣି କେତେକ ବ୍ୟବସାୟୀ ୟୁରିଆ ସାର ବସ୍ତା ସହ ଏକ ଭିଟାମିନ ପ୍ୟାକେଟ ଜବରଦସ୍ତ ଦେଇ ପାଞ୍ଚଶହରୁ ଅଧିକ ମୂଲ୍ୟରେ ବିକ୍ରି କରୁଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ତେବେ କୃଷି ବିଭାଗ ପକ୍ଷରୁ ତୁରନ୍ତ ସଂପୃକ୍ତ ଦୋକାନଗୁଡିକରେ ଚଢ଼ାଉ କରାଯିବା ସହ ଚାଷୀମାନଙ୍କୁ ପ୍ରତ୍ୟେକ ପଞ୍ଚାୟତ ସ୍ତରରେ ସରକାରୀ ମୂଲ୍ୟରେ ୟୁରିଆ ସାର ସହିତ ଅନ୍ୟାନ୍ୟ ସାର ଏବଂ କୀଟନାଶକ ଔଷଧ ଯୋଗାଣ ବ୍ୟବସ୍ଥା କରିବା ପାଇଁ ଦାବି ହେଉଛି।

## ବିଶ୍ୱକର୍ମା ନିର୍ମାଣ ଶ୍ରମିକ ସଂଘ ପକ୍ଷରୁ ଆର୍ଥିକ ସହାୟତା ପ୍ରଦାନ

**ଡୁଙ୍ଗୁରିପାଲି,୧୭।୮(ଡି.ଏନ.ଏ.)**

ବୁଧବାର ଡୁଙ୍ଗୁରିପାଲି ବିଶ୍ୱକର୍ମା ନିର୍ମାଣ ଶ୍ରମିକ ସଂଘ ତରଫରୁ ଦୁଇ ଜଣ ମୃତ ରାଜମିସ୍ତ୍ରୀଙ୍କ ପରିବାରକୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ପ୍ରକାଶ ଯେ, ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବସ୍ତିର ମୁକେଶ ବରିହା ଓ କୁମାର ବରିହା ଉଭୟେ ରାଜମିସ୍ତ୍ରୀ କାମ କରୁଥିଲେ। ଗତ କିଛି ଦିନ ତଳେ ଉଭୟଙ୍କ ମୃତ୍ୟୁ ଘଟିଥିଲା। ବିଶ୍ୱକର୍ମା ନିର୍ମାଣ ଶ୍ରମିକ ସଂଘର କର୍ମକର୍ତ୍ତାମାନେ ଉଭୟଙ୍କ ପରିବାରବର୍ଗଙ୍କୁ ଭେଟି ୨୦୦୦ ଟଙ୍କା ଲେଖାଏଁ ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ସଂଘର ସଭାପତି ଗୋପୀନାଥ ନାଗ, ବେଣୁଧର ବେହେରା, ଦାରିକା ବେହେରା, ସତ୍ୟନାରାୟଣ ବାଗ ବିଡ଼ିଓ ବରିହା ପ୍ରମୁଖ ଉପସ୍ଥିତ ଥିଲେ।

## ବୌଦ୍ଧରେ ବନ୍ୟା



ହରଭଙ୍ଗା ବ୍ଲକ ଅଞ୍ଚଳରେ ବନ୍ୟା ପାଣି।

**ବୌଦ୍ଧ,୧୭।୮(ସ୍ୱ.ପ୍ର.)**

- ହରଭଙ୍ଗା ବ୍ଲକର ୨୦ରୁ ଅଧିକ ଗାଁ ପାଣି ଘେରରେ
- ୪ ଦିନ ହେଲା ପାଣିଘେରା ଗ୍ରାମରେ ପହଞ୍ଚିନି ପ୍ରଶାସନ
- ଜଗନ୍ନାଥ ସଡକରେ ଯୋଗାଯୋଗ ବିଚ୍ଛିନ୍ନ

ମହାନଦୀରେ ବନ୍ୟା ଆସିବା ଯୋଗୁ ବୌଦ୍ଧ ଜିଲାର ହରଭଙ୍ଗା ବ୍ଲକରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ଏବେ ବି ବ୍ଲକର ୨୦ରୁ ଊର୍ଦ୍ଧ୍ୱ ଗ୍ରାମ ପାଣି ଘେରରେ ରହିଛି। ଗ୍ରାମବାସୀ ୪ ଦିନ ହେଲା ଜଳବନ୍ଦୀ ଭାବରେ ରହିଥିବା ଜଣାପଡିଛି। ଜଗନ୍ନାଥ ସଡକରେ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ଗତ ସୋମବାର ଦିନ ଜିଲାରେ ମହାନଦୀର ଜଳସ୍ତର ବିପଦ ସଙ୍କେତ ଉପରେ ରହିଥିବା ବେଳେ ମଙ୍ଗଳବାର ପାଣି ଟିକିଏ କମିଥିଲା। କିନ୍ତୁ ବୁଧବାର ମହାନଦୀର ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି। ଅପରାହ୍ନ ୨ଟା ସୁଦ୍ଧା ବନ୍ୟାଜଳ ବିପଦ ସଙ୍କେତ ଉପରେ ରହିଥିଲା। ଅପରପକ୍ଷରେ ବନ୍ୟା ଯୋଗୁ ହରଭଙ୍ଗା ବ୍ଲକର ଲୋକମାନେ ନାହିଁ ନ ଥିବା ଅସୁବିଧାରେ ଦିନ କାଟୁଛନ୍ତି। ମହାନଦୀ କୂଳରେ ଥିବା ବ୍ଲକର ଶଙ୍କୁଲୋଇ ପଞ୍ଚାୟତର ପାଣିଘେରା ଗ୍ରାମ ଅଧିକ କ୍ଷତିଗ୍ରସ୍ତ ହୋଇଥିବା ବେଳେ ୪ ଦିନ ହେଲା ପ୍ରଶାସନ ପହଞ୍ଚି ନ ଥିବା ଜଣାପଡିଛି। ଏପଟେ ପ୍ରଶାସନ ସମସ୍ତ ସୁବିଧା ଯୋଗାଇ ଦିଆଯାଉଥିବା କହୁଥିବା ବେଳେ ବାସ୍ତବ ଚିତ୍ର ଓଲଟା ଦେଖିବାକୁ ମିଳିଛି। ପାଣିଘେରା ଗ୍ରାମର କେହି ଅସୁସ୍ଥ ହେଲେ ଦେଶୀ ଡଙ୍ଗାରେପାର ହୋଇ ଚିକିତ୍ସା ପାଇଁ ଆସୁଛନ୍ତି। ସେହିପରି ଉକ୍ତ ପଞ୍ଚାୟତର ସୁରୁଣ୍ଡି, ରାଉତପଡା, ମଲିକ ପଡା ପାଣି ଘେରରେ ରହିଛି। ହରଭଙ୍ଗା ପଞ୍ଚାୟତର ସୁରୁଣ୍ଡି, ଡିଆଘାଟ, କୋଡାସିଙ୍ଗା ଓ ଧଳପୁର ଗ୍ରାମ ପଞ୍ଚାୟତର ସଦଲଗଣ୍ଡା, ତେନ୍ତୁଲିପଦର, ଖରଶଙ୍କୁଲୋଇ, ଖଣ୍ଡିଧଳପୁର, ଉଆଁଲ, କଙ୍କଲା ଆଦି ଗାଁ ପାଣିଘେରରେ ଅଛି। ବୀରନରସିଂହପୁର ପଞ୍ଚାୟତର କରଡି ଓ କୁଶଙ୍ଗ ପଞ୍ଚାୟତର ମାରଡା, ଅତଳସରା. କୁଶାସିଙ୍ଗା ଓ ତିରଡ ଆଦି ଗ୍ରାମ ପାଣିଘେରରେ ରହିଛି। ବନ୍ୟା ପାଣି ଯୋଗୁ ଜଗନ୍ନାଥ ସଡକରେ ଯୋଗାଯୋଗ ବିଚ୍ଛିନ୍ନ ହୋଇପଡିଥିବାରୁ ଜନସାଧାରଣ ଅସୁବିଧା ଭୋଗୁଛନ୍ତି। ହରଭଙ୍ଗା ବ୍ଲକ କଣ୍ଟ୍ରୋଲ ରୁମକୁ ଯୋଗାଯୋଗ କରାଯାଇଥିବା ବେଳେ ଅଧିକାରୀଙ୍କ ପାଖରେ ସଠିକ ତଥ୍ୟ ନ ଥିବା ଜଣାପଡିଥିଲା।

## ଗୋଚର, ଜଙ୍ଗଲ ଜମି ଜବରଦଖଲ ଅଭିଯୋଗ

**ସୋନପୁର,୧୭।୮(ନି.ପ୍ର.)**

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ କର୍ତ୍ତଙ୍ଗ ଗ୍ରାମରେ ଶତାଧିକ ଏକର ଗୋଚର ଓ ଜଙ୍ଗଲ ଜମିକୁ ପ୍ରଭାବଶାଳୀ ଲୋକ ଜବରଦଖଲ କରିଥିବା ଅଭିଯୋଗ ହୋଇଛି। ଗ୍ରାମବାସୀ ବୁଧବାର ଏ ସମ୍ପର୍କରେ ଜିଲାପାଳ, ଉପଜିଲାପାଳ ଓ ଜିଲା ବନଖଣ୍ଡ ଅଧିକାରୀଙ୍କୁ ଲିଖିତ ଭାବରେ ଜଣାଇଛନ୍ତି। କର୍ତ୍ତଙ୍ଗ ଗ୍ରାମର ଗୋଟିଏ ପାର୍ଶ୍ୱରେ ଅଙ୍ଗନଦୀ ଓ ଅନ୍ୟ ପାର୍ଶ୍ୱରେ ମହାନଦୀ ପ୍ରବାହିତ ହେଉଛି। ମହାନଦୀ କୂଳରେ ଥିବା ଜମିରେ ଲୋକେ ଚାଷ କରୁଥିବା ବେଳେ ଅଙ୍ଗନଦୀ କୂଳରେ ଥିବା ଗୋଚର ଓ ଜଙ୍ଗଲ କିସମ ଜମିରେ ଗ୍ରାମର ଗାଇ ଗୋରୁ ଚରୁଥିଲେ। ବର୍ତ୍ତମାନ ଅଙ୍ଗନଦୀ କୂଳରେ ଥିବା ଜମିକୁ କିଛି ଲୋକ ଜବରଦଖଲ କରି ଧାନ କ୍ଷେତ ପ୍ରସ୍ତୁତ କରୁଛନ୍ତି। ସେହିପରି ଜଙ୍ଗଲ ଜମିରୁ ଗଛଗୁଡିକୁ କାଟି ସଫା କରା ଯାଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏପରିକି ଗାଇ ଗୋରୁଙ୍କ ଯିବା ଆସିବା ରାସ୍ତାକୁ ଅବରୋଧ କରାଯାଇଛି। ଗ୍ରାମବାସୀ ଏ ସମ୍ପର୍କରେ ସ୍ଥାନୀୟ ରାଜସ୍ୱ ନିରୀକ୍ଷକ ଓ ବନପାଳଙ୍କ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ କିଛି ସୁଫଳ ମିଳିନି। ଗ୍ରାମବାସୀ ଜବରଦଖଲକାରୀଙ୍କ ନାମ ଲିଖିତ ଭାବେ ପ୍ରଶାସନକୁ ଜଣାଇଛନ୍ତି। ପ୍ରଶାସନ କୌଣସି ପଦକ୍ଷେପ ନ ନେଲେ ଗ୍ରାମବାସୀ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି। ଗ୍ରାମର ବୃନ୍ଦାବନ ଦେହେରୀ, ଉତ୍ତର ପାତ୍ର, ବାଳମୁକୁନ୍ଦ ପାତ୍ର, ପର୍ଶୁରାମ ମହାନନ୍ଦ, ଲଛମନ ପାତ୍ର, ଶିବ ପ୍ରସାଦ ପାଣିଗ୍ରାହୀ ଓ ବଶିଷ୍ଠ ବାଗ ପ୍ରମୁଖ ଶତାଧିକ ଗ୍ରାମବାସୀ ଲିଖିତ ଭାବେ ଏହି ଅଭିଯୋଗ କରିଛନ୍ତି।

## ଜିଲାପାଳଙ୍କ ଅଚାନକ ବିଦ୍ୟାଳୟ ପରିଦର୍ଶନ

### ଛାତ୍ରଙ୍କୁ କ୍ଲାସରେ ପାଠ ପଢାଇଲେ

**ବୌଦ୍ଧ,୧୭।୮(ସ୍ୱ.ପ୍ର.)**

ବୌଦ୍ଧ ଜିଲାପାଳ ସତ୍ୟ ରଞ୍ଜନ ସାହୁ କାର୍ଯ୍ୟରେ ଯୋଗ ଦେବା ପରେ ଜିଲାର ବନ୍ୟା କ୍ଷତିଗ୍ରସ୍ତ ଅଞ୍ଚଳ ଗସ୍ତ କରିବା ସହ ଲୋକଙ୍କ ସମସ୍ୟା ବୁଝି ଏହାର ସମାଧାନ ପାଇଁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ଜିଲାରେ ଶିକ୍ଷାର ଗୁଣାତ୍ମକ ମାନ ପରୀକ୍ଷା କରିବା ପାଇଁ ଜିଲାପାଳ ସାହୁ ବୁଧବାର ଦିନ ସହରର ଯୋଗୀନ୍ଦ୍ର ଦେବ ଉଚ୍ଚ ବିଦ୍ୟାଳୟ ଓ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟକୁ ଅଚାନକ ପରିଦର୍ଶନ କରିଥିଲେ। ଜିଲାପାଳ ପ୍ରଥମେ ବାଳିକା ଉଚ୍ଚ ବିଦ୍ୟାଳୟରେ ପହଞ୍ଚି ପରିବେଶ ସଫା ରଖିବା ସହିତ ପ୍ରାଚୀର ପତ୍ର, ନିୟୁଜ କର୍ଣ୍ଣର, ଆର୍ଟ ଗାଲେରୀ ଅପଡେଟ ରଖିବାକୁ ନିର୍ଦ୍ଦେଶ ଦେଇଥିଲେ। ବିଦ୍ୟାଳୟର ସ୍ୱଚ୍ଛତା, ଶିକ୍ଷାଦାନ, ସୁରକ୍ଷା,ମଧ୍ୟାହ୍ନ ଭୋଜନ ବ୍ୟବସ୍ଥା ଆଦି ସଂପର୍କରେ ପଚାରି ବୁଝିଥିଲେ। ପରେ ଯୋଗୀନ୍ଦ୍ର ଦେବ ଉଚ୍ଚ ବିଦ୍ୟାଳୟରେ ପହଞ୍ଚି ଉପସ୍ଥାନ ଖାତା ଦେଖିଥିଲେ। ଏହାଛଡା ଶ୍ରେଣୀକକ୍ଷକୁ ଯାଇ ସ୍ମାର୍ଟ କ୍ଲାସ ରୁମ ବୁଲି ଦେଖିବା ସହ ଛାତ୍ରଙ୍କୁ ପାଠ ପଢାଇଥିଲେ। ବିଦ୍ୟାଳୟ ପଛପଟେ ଥିବା ଅଳିଆ ଆବର୍ଜନା ସଫା କରିବା ପାଇଁ ଏନଏସି ନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପରେ ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ପହଞ୍ଚି ସେଠାରେ ବିଭିନ୍ନ ବିଦ୍ୟାଳୟର ପ୍ରଧାନଶିକ୍ଷକମାନଙ୍କ ଏକ ବୈଠକରେ ଯୋଗ ଦେଇଥିଲେ। ଜିଲାରେ ସମସ୍ତ ବିଦ୍ୟାଳୟରେ ୫-ଟି କାର୍ଯ୍ୟ ଶୀଘ୍ର ସମାପ୍ତ କରିବାକୁ ଜିଲାପାଳ ଗୁରୁତ୍ୱାରୋପ କରିଥିଲେ। ଏହି ପରିଦର୍ଶନ ସମୟରେ ତାଙ୍କ ସହିତ ଅତିରିକ୍ତ ଜିଲାପାଳ ବବିତା ରାଣୀ ଦଳବେହେରା,ଜିଲା ଶିକ୍ଷା ଅଧିକାରୀ ଉଦୟ ନାଥ ମାଝି,ବ୍ଲକ ଶିକ୍ଷା ଅଧିକାରୀ ଧୃବ ଚରଣ ଘିବେଲା,ବିଜ୍ଞାନ ନିରୀକ୍ଷକ ଦେବେନ୍ଦ୍ର ଦେହୁରୀ ପ୍ରମୁଖ ଉପସ୍ଥିତ ଥିଲେ।



ଯୋଗୀନ୍ଦ୍ରଦେବ ଉଚ୍ଚ ବିଦ୍ୟାଳୟରେ ଜିଲାପାଳ ଛାତ୍ରଙ୍କୁ ପାଠ ପଢାଉଛନ୍ତି।

## ଗଞ୍ଜେଇ ଚାଷ ହେଉଥିବା ସ୍ଥାନରେ ବୃକ୍ଷରୋପଣକୁ ଗୁରୁତ୍ୱ

**ବୌଦ୍ଧ,୧୭।୮(ସ୍ୱ.ପ୍ର.)**

ମଙ୍ଗଳବାର ସଂସ୍କୃତି, ପର୍ଯ୍ୟଟନ ଓ ଅବକାରୀ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ଦିନିକିଆ ବୌଦ୍ଧ ଗସ୍ତ କରି ସର୍କିଟ ହାଉସଠାରେ ଜିଲାର ସମସ୍ତ ବିଭାଗୀୟ ଅଧିକାରୀମାନଙ୍କ ସହ ଏକ ସମୀକ୍ଷା ବୈଠକ କରିଥିଲେ। ଏହି ଅବସରରେ ମନ୍ତ୍ରୀ ପାତ୍ର ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ହୋଇଥିବା ଅନିୟମିତତା ଉପରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଜିଲାରେ ହେବାକୁ ଥିବା ନନ୍ଦନବନ ଉପରେ ମଧ୍ୟ ବୈଠକରେ ଆଲୋଚନା କରାଯାଇଥିଲା। ଗ୍ରାମଗୁଡିକରେ ପାଠାଗାର ଖୋଲାଯାଇ ନୂତନ ପୀଢି ଯେପରି ୱେବସାଇଟ ମାଧ୍ୟମରେ ପଢିବାର ସୁଯୋଗ ପାଇପାରିବେ ଓ ଦୈନନ୍ଦିନ ଖବର ଜାଣିପାରିବେ ସେ ନେଇ ପଦକ୍ଷେପ ନେବାକୁ କହିଥିଲେ।



ବୌଦ୍ଧ ସଂଗ୍ରହାଳୟ ପରିଦର୍ଶନ ସମୟରେ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର , ମନ୍ତ୍ରୀ ପ୍ରଦୀପ କୁମାର ଅମାତ,ଜିଲାପାଳ ଓ ଅନ୍ୟ ଅଧିକାରୀ।

ଜିଲାରେ ବରଗଡ ଜିଲାରେ ଯେପରି ବୁଣାକାରମାନଙ୍କ ପାଇଁ ଏକ ବଡ ହାଟ ରହିଛି ,ବୌଦ୍ଧରେ ମଧ୍ୟ ସେପରି ଏକ ହାଟ କରିବାକୁ ପ୍ରସ୍ତାବ କରିଥିଲେ। ମନ୍ତ୍ରୀ ପାତ୍ର ବୌଦ୍ଧ ଜିଲାରେ ଗଞ୍ଜେଇ ଚାଷ ହେଉଥିବା ସ୍ଥାନଗୁଡିକ ଚିହ୍ନଟ କରି ସେହି ସ୍ଥାନରେ ଜିଲା ପ୍ରଶାସନ ,ପୋଲିସ , ଅବକାରୀ ବିଭାଗ ଓ ବନବିଭାଗ ମିଳିତ ଭାବେ ବୃକ୍ଷରୋପଣ କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବୈଠକ ପରେ ମନ୍ତ୍ରୀ ଜିଲା ସଂଗ୍ରହାଳୟ ବୁଲି ଦେଖିବା ସହିତ ସରକାରୀ ଅନୁଦାନ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ବୈଠକରେ ଜଙ୍ଗଲ ଓ ପରିବେଶ, ସୂଚନା ଓ ଲୋକସଂପର୍କ ମନ୍ତ୍ରୀ ପ୍ରଦୀପ କୁମାର ଅମାତ, ଜିଲାପାଳ ସତ୍ୟ ରଞ୍ଜନ ସାହୁ, ଜିଲାପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଅଶ୍ୱିନ କୁମାର ମେହେର, ଜିଲା ସଂସ୍କୃତି ଅଧିକାରୀ ଶୁକ୍ରୁ ସ୍ୱାଇଁ, ବୌଦ୍ଧ ଏନଏସି କାର୍ଯ୍ୟନିର୍ବହୀ ଅଧିକାରୀ ଇଂ.ମନୋରଞ୍ଜନ ପଣ୍ଡା, ତହସିଲଦାର ଦେବୀପ୍ରସାଦ ଦାସ, ଅବକାରୀ ଅଧୀକ୍ଷକ କ୍ରୀଷ୍ଣା ନାଏକ, ସ୍ଥପତି ସୁମନ ଷଢଙ୍ଗୀ, ଜିଲା ସୂଚନା ଓ ଲୋକସଂପର୍କ ଅଧିକାରୀ ରୀତାକାନ୍ତି ବଳିଆରସିଂଙ୍କ ସମେତ ସମସ୍ତ ଜିଲାସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ। ଅତିରିକ୍ତ ଜିଲାପାଳ ବବିତାରାଣୀ ଦଳବେହେରା ସ୍ୱାଗତ ଭାଷଣ ଦେଇଥିବା ବେଳେ ବୌଦ୍ଧ ବିଡିଓ ଅବିନାଶ ପାଣ୍ଡିଆ ଧନ୍ୟବାଦ ପ୍ରଦାନ କରିଥିଲେ।